

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୮ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 08 JULY 2021

Vol.No. 32 ■ No. 172 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

୧୫ କ୍ୟାବିନେଟ୍ ମନ୍ତ୍ରୀ, ୨୮ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ

ଓଡିଶାରୁ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ୍ ମନ୍ତ୍ରୀ ଓ ବିଶେଶ୍ୱର ଟୁଡୁ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଲେ

ନୂଆଦିଲ୍ଲୀ/ଭୁବନେଶ୍ୱର,୦୭/୦୭ (ନି.ପ୍ର): ମୋଦି ସରକାରଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରିତ ହୋଇଛି। ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି ୧୫ କ୍ୟାବିନେଟ୍ ମନ୍ତ୍ରୀଙ୍କ ସମେତ ୨୮ ଜଣ ରାଷ୍ଟ୍ରମନ୍ତ୍ରୀ। ଏହା ମଧ୍ୟରେ ଓଡିଶାରୁ ୨ ଜଣ ରହିଛନ୍ତି। ଓଡିଶାର ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ଦାୟିତ୍ୱ ମିଳିଥିବା ବେଳେ ମୟୁରଭଂଜର ଲୋକସଭା ସାଂସଦ ବିଶେଶ୍ୱର ଟୁଡୁ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ବୁଧବାର ସଂଧ୍ୟାରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଶପଥ ସମାରୋହ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଛନ୍ତି। ଏହି ଅବସରରେ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହ ମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ୍ ହୋଇଛନ୍ତି ଓଡିଶାର ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ। ସେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶ୍ରୀ ବୈଷ୍ଣବ ଓଡ଼ିଶା କ୍ୟାଡ଼ରର ଆଇଏଏସ୍ ଅଫିସର ଥିଲେ। ପରେ ଚାକିରି ଛାଡ଼ି ରାଜନୀତିରେ ଯୋଗଦେଇଥିଲେ। ଶ୍ରୀ ବୈଷ୍ଣବଙ୍କ ସମେତ ନାରାୟଣ ରାଣେ , ସର୍ବାନନ୍ଦ ସୋନୱାଲ , ବୀରେନ୍ଦ୍ର କୁମାର , ଜ୍ୟୋତିରାଦିତ୍ୟ ସିନ୍ଧିଆ , ରାମଚନ୍ଦ୍ର ପ୍ରସାଦ ସିଂ , ପଶୁପତି କୁମାର ପାରସ , କିରେନ୍ ରିଜିଜୁ, ରାଜ କୁମାର ସିଂ, ହରଦୀପ ସିଂ ପୁରୀ , ମନସୁଖ ମାଣ୍ଡଭିଆ. ଭୁପେନ୍ଦର ଯାଦବ, ପରଶୋତମ ରୁପାଲା , ଜି କିସାନ ରେଡ୍ଡୀ ଓ ଅନୁରାଗ ସିଂ ଠାକୁର ମଧ୍ୟ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ୧୯୯୪ ବ୍ୟାଚ୍ ଓଡ଼ିଶା କ୍ୟାଡ଼ର ଆଇଏଏସ୍ ଶ୍ରୀ ବୈଷ୍ଣବ ୨୦୧୯ ମସିହାରେ ଓଡ଼ିଶାରୁ ବିଜେପି ଟିକେଟରେ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କୁ ବିଜେଡି ସମର୍ଥନ କରିଥିଲା। ୨୦୦୪ ମସିହାରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଶ୍ରୀ ବୈଷ୍ଣବ ମଧ୍ୟ କାର୍ଯ୍ୟ କରିଥିଲେ। ଶ୍ରୀ ବୈଷ୍ଣବ ଆଇଏଏସ୍ ଅଫିସର ଭାବେ ବାଲେଶ୍ୱର ଓ କଟକର ଜିଲ୍ଲାପାଳ ଭାବେ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ପିଏମଓରେ ଉପସଚିବ ଭାବେ ଅବସ୍ଥାପିତ ହୋଇଥିଲେ। ଯେଉଁ ସମୟରେ ନିଆଯାଇଥିବା ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ସିଧାସଳଖ ରହିଥିଲା ତାଙ୍କର ସଂପୃକ୍ତି। ଏମିତିକି ବାଜପେୟୀ ପଦ ଛାଡିବା ପରେ ତାଙ୍କ ବ୍ୟକ୍ତିଗତ ▶▶ପୃଷ୍ଠା ୭

ମୁଖ୍ୟମନ୍ତ୍ରୀଙ୍କ କୋଭିଡ ସହାୟତା ଘୋଷଣା

୬୪,୨୧୪ ଆପଦଗ୍ରସ୍ତ ଆଦିମ ଜନଜାତି ପରିବାରଙ୍କ ଆକାଉଂଟକୁ ଗଲା ୫୦୦୦ ଟଙ୍କା

ଭୁବନେଶ୍ୱର,୦୭/୦୭(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର ୬୪,୨୧୪ଟି ଆପଦଗ୍ରସ୍ତ ଆଦିମ ଜନଜାତି ପରିବାରକୁ ୫୦୦୦ ଟଙ୍କା ଲେଖାଏଁ ' ସ୍ୱତନ୍ତ୍ର କୋଭିଡ ସହାୟତା' ପ୍ରଦାନ କରିଛନ୍ତି । କୋଭିଡର ଦ୍ୱିତୀୟ ଲହରୀରେ ଏହି ଆଦିମ ଜନଜାତି ପରିବାର ମାନଙ୍କୁ ଆର୍ଥିକ ସୁରକ୍ଷା ଦେବା ପାଇଁ ଏହି ସହାୟତା ପ୍ରଦାନ କରାଯାଇଛି । ଏହା ସମସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି । ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, "ମୁଁ ଜାଣେ କରୋନା ରୋଗ ଯୋଗୁଁ ଗରିବ ଲୋକଙ୍କ ରୋଜଗାର ଉପରେ ବହୁତ ପ୍ରଭାବ ପଡିଛି । ଆପଣମାନଙ୍କ ରୋଜଗାର ଉପରେ ମଧ୍ୟ ବହୁତ ପ୍ରଭାବ ପଡିଛି । ଏ ବିପଦ ସମୟରେ ଆପଣମାନେ ଏକା ନୁହନ୍ତି । ଆପଣଙ୍କ ସାଥିରେ ସରକାର ଅଛନ୍ତି । ଆପଣଙ୍କ କଲ୍ୟାଣ ପାଇଁ ସରକାର କାମ କରୁଛି ।"ସୂଚନାଯୋଗ୍ୟ ଯେ ରାଜ୍ୟରେ ସମୁଦାୟ ୧୬୭୯ଟି ଆପଦଗ୍ରସ୍ତ ଆଦିମ ଜନଜାତି ଗାଁ ରହିଛି । କୋଭିଡ ସମୟରେ ରାଜ୍ୟ ସରକାର ମାସ୍କ ସାନିଟାଇଜର ଓ ସାବୁନ ବଣ୍ଟନ ସହିତ ସଙ୍ଗରୋଧ କେନ୍ଦ୍ର ଏବଂ ଟୀକାକରଣକୁ ପ୍ରାଥମିକତା ଦେଇ କୋଭିଡ ପରିଚାଳନା କରୁଛନ୍ତି । ଆଦିମ ଜନଜାତିଙ୍କ ମଧ୍ୟରୁ ୩୧୪ ଜଣ କୋଭିଡ଼ ପୀଡ଼ିତ ହୋଇଥିଲେ ମଧ୍ୟ ଗୋଟିଏ ବି ଜୀବନ ହାନି ହୋଇନାହିଁ ▶▶ପୃଷ୍ଠା ୭

ପରଲୋକରେ ବିଶିଷ୍ଟ ବଲିଉଡ୍ ଅଭିନେତା ଦିଲ୍ଲୀପ କୁମାର

ବଲିଉଡ୍ ସହ ଦେଶବ୍ୟାପୀ ଶୋକର ଛାୟା



ନୂଆଦିଲ୍ଲୀ,୦୭/୦୭: ଆରପାରିରେ ଟ୍ରାଜେଡି କିଙ୍ଗ ଦିଲ୍ଲୀପ କୁମାର । ୯୮ ବର୍ଷ ବୟସରେ ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ଆଖି ବୁଜିଛନ୍ତି ଏହି ବର୍ଷୀୟାନ ଅଭିନେତା । ଆଜି ସକାଳ ସାଢେ ୭ଟାରେ ତାଙ୍କ ଦେହାନ୍ତ ନେଇ ସୂଚନା ଦେଇଛନ୍ତି ପତ୍ନୀ ସାଇରା ବାନୁ । ଶ୍ୱାସକ୍ରିୟାରେ ସମସ୍ୟା ଯୋଗୁଁ ତାଙ୍କୁ ବାରମ୍ବାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଜୁଲାଇ ୫ ତାରିଖରେ ଦିଲ୍ଲୀପ କୁମାରଙ୍କ ଟ୍ୱିଟର ହ୍ୟାଣ୍ଡେଲରୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ସୂଚନା ଦିଆଯାଇଥିଲା । ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ସୂଚନା ଦେଇଥିଲେ ପତ୍ନୀ ସାଇରା ବାନୁ । ହେଲେ ଏହାର ଦୁଇଦିନ ପରେ ବଲିଉଡକୁ ଅଲବିଦା କହିଛନ୍ତି ଦିଲ୍ଲୀପ କୁମାର । ତାଙ୍କ ଦେହାନ୍ତ ପରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି । ଟ୍ୱିଟ କରି ଶୋକ ପ୍ରକାଶ କରିବା ସହ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଦିଲ୍ଲୀପଙ୍କ ଦେହାନ୍ତ ସାଂସ୍କୃତିକ ଜଗତ ପାଇଁ ଏକ ବଡ କ୍ଷତି ବୋଲି କହିଛନ୍ତି ମୋଦୀ । ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରତିକ୍ରିୟାରେ କହିଛନ୍ତି ଯେ, ଦେଶବାସୀଙ୍କ ହୃଦୟରେ ବଂଚି ରହିବେ ଦିଲ୍ଲୀପ କୁମାର । ପାକିସ୍ତାନ ପେଶାୱାରରେ ଜନ୍ମିତ ମହମ୍ମଦ ୟୁସୁଫ ଖାନ, ହିନ୍ଦି ଫିଲ୍ମ ଜଗତକୁ ଆସିବା ପରେ ବନିଗଲେ ଦିଲ୍ଲୀପ କୁମାର । ମୁଗଲେ ଆଜମରେ ଭାବପ୍ରବଣ ପ୍ରେମିକ ସଲିମଠାରୁ ଆରମ୍ଭ କରି କରମାରେ ▶▶ପୃଷ୍ଠା ୭

ଅମାନିଆ ଲୋକଙ୍କ ପାଇଁ ଆଗୁଆ ଆସିପାରେ ତୃତୀୟ ଲହର

ଭୁବନେଶ୍ୱର,୦୭/୦୭ (ନି.ପ୍ର): ଲୋକ ଅମାନିଆ ହେଉଥିବାରୁ ତୃତୀୟ ଲହର ଆଗୁଆ ଆସିବାର ସମ୍ଭାବନା ରହିଛି । ଢ଼ିଲାପଣ ଯୋଗୁଁ ସଂକ୍ରମଣ ବଢୁଛି । ଆଜି ଦେଶରେ ମଧ୍ୟ ସଂକ୍ରମଣ ବଢ଼ିଛି । ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ସେ କହିଛନ୍ତି ସେପଟେମ୍ବର, ଅକ୍ଟୋବର ପରେ ତୃତୀୟ ଲହର ଆସିବା ବିଶେଷଜ୍ଞମାନେ ଆଶଙ୍କା କରିଥିଲେ। ହେଲେ ଲୋକେ ଅମାନିଆ ହେଉଥିବାରୁ ଏହା ଶୀଘ୍ର ଆସିପାରେ । ଏଭଳି ସ୍ଥିତିରେ ଲୋକମାନେ କୋଭିଡ୍ ନିୟମ ମାନିବା ଦରକାର ବୋଲି । କିଛି ଲୋକ ନିୟମ ମାନୁନାହାଁନ୍ତି । ସେମାନେ ଦରକାର ନଥିଲେ ବାହାରକୁ ଯାଆନ୍ତୁ ନାହିଁ। ନିୟମ ଉଲ୍ଲଂଘନ କଲେ ଆମେ ଦୋକାନବଜାର ସହ ହାଟକୁ ବନ୍ଦ କରିବାକୁ ବାଧ୍ୟ ହେଉଛି । ଯଦି ଏଭଳି ଅବସ୍ଥା ରୁହେ ତ ତୃତୀୟ ପ୍ରବାହ ଆଗୁଆ ଆସିପାରେ। ଅପରପକ୍ଷରେ ଭ୍ୟାକ୍ସିନ ନେଇଥିବା ବ୍ୟକ୍ତିଙ୍କ ଇନ୍‌ଫେକ୍ସନ ରେଟ୍ ୦.୧୩ ପ୍ରତିଶତ। ଏନେଇ ମଲ୍ଟିପୁଲ୍ ଷ୍ଟଡି କରାଯାଉଛି। ଏହାସହ ଗର୍ଭବତୀ ମହିଳାଙ୍କ ଭ୍ୟାକ୍ସିନେସନ୍ ପାଇଁ ନିର୍ଦ୍ଦିଷ୍ଟ ଏସ୍‌ଓପି ଅଛି। ଛୁଆଙ୍କ ଉପରେ ଏହାର ପ୍ରଭାବ ପଡ଼ିପାରେ।

ମୋଦୀଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଲେ ୧୨ ଜଣ ମନ୍ତ୍ରୀ

ନୂଆଦିଲ୍ଲୀ,୦୭/୦୭: ମୋଦୀଙ୍କ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲେ ଦୁଇ ହେଭିୱେଟ । ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ପୂର୍ବରୁ ଦୁଇ ହେଭିୱେଟ ମନ୍ତ୍ରୀ ପ୍ରକାଶ ଜାଭଡେକର ଓ ରବିଶଙ୍କର ପ୍ରସାଦ ଇସ୍ତଫା ଦେଇଛନ୍ତି । ଆଇଟି ଓ ଆଇନ ମନ୍ତ୍ରୀ ଥିବା ରବିଶଙ୍କର ପ୍ରସାଦ ନିଜ ପଦରୁ ଇସ୍ତଫା ଦେଇଥିବା ବେଳେ ଜଙ୍ଗଲ ପରିବେଶ ଓ ସୂଚନା ପ୍ରସାରଣ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ପ୍ରକାଶ ଜାଭଡେକର । ଗତ କିଛିଦିନ ହେବ ଟୁଇଟର ବିବାଦକୁ ନେଇ ଅଡୁଆ ସ୍ଥିତିରେ ରହିଥିଲେ ରବିଶଙ୍କର । ଏହାପୂର୍ବରୁ ୧୦ ଜଣ ମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଯେଉଁମାନଙ୍କ ମଧ୍ୟରେ ପ୍ରତାପ ଷଡଙ୍ଗୀ, ସନ୍ତୋଷ ଗଙ୍ଗୱାର, ସଦାନନ୍ଦ ଗୌଡା, ବାବୁଲ ସୁପ୍ରିୟୋଙ୍କ ଭଳି ବଡ ଚେହେରା ମଧ୍ୟ ମୋଦିଙ୍କ ମନ୍ତ୍ରୀମଣ୍ଡଳରୁ ବିଦାୟ ନେଇଛନ୍ତି । ସମସ୍ତ ୧୨ ଜଣ ମନ୍ତ୍ରୀଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି ରାଷ୍ଟ୍ରପତି ।

ପେଟ୍ରୋଲ ଦର ବୃଦ୍ଧି ବିରୋଧରେ ଆଜିଠାରୁ କଂଗ୍ରେସର ଆନ୍ଦୋଳନ

ଭୁବନେଶ୍ୱର,୦୭/୦୭(ନି.ପ୍ର): ପେଟ୍ରୋଲ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦର ବୃଦ୍ଧି ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ । ଆଜିଠାରୁ ୧୭ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ରାଜ୍ୟବ୍ୟାପି ଆନ୍ଦୋଳନ କରିବ କଂଗ୍ରେସ । ପ୍ରତ୍ୟେକ ବ୍ଲକ ଆଗରେ ତୈଳ ଦର ବୃଦ୍ଧି ସହ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିକୁ ନେଇ ପ୍ରତିବାଦ କରିବ କଂଗ୍ରେସ । ପିସିସି ସଭାପତି ନିରଂଜନ ପଟ୍ଟନାୟକ କହିଛନ୍ତି, ୯ ତାରିଖରେ ଜିଲ୍ଲା ସ୍ତରରେ, ୧୪ ତାରିଖରେ ଭୁବନେଶ୍ୱରରେ, ୧୫ ତାରିଖରେ ପେଟ୍ରୋଲ ନକିଣିବା ପାଇଁ ଜନସାଧାରଣଙ୍କୁ ଅପିଲ କରିବ କଂଗ୍ରେସ । ୧୭ ତାରିଖ ଦିନ ପ୍ରତି ପେଟ୍ରୋଲ ପମ୍ପ ଆଗରେ ଦସ୍ତଖତ ଅଭିଯାନ କରିବ କଂଗ୍ରେସ । ଏହାସହ କଂଗ୍ରେସ କର୍ମୀମାନେ ଘର ଘର ବୁଲି ମାସେ ପର୍ଯ୍ୟନ୍ତ କୋଭିଡ଼ ଆକ୍ରାନ୍ତ ଓ କୋଭିଡ଼ ମୃତ୍ୟୁ ସଂଖ୍ୟା ନେଇ ତଥ୍ୟ ସଂଗ୍ରହ କରିବେ ।

ଟୋକିଓ ଅଲିମ୍ପିକସ୍‌ରେ ଅଂଶଗ୍ରହଣକାରୀ ଖେଳାଳୀମାନଙ୍କୁ ରାଜ୍ୟପାଳଙ୍କ ଶୁଭେଚ୍ଛା ଓ ଅଭିନନ୍ଦନ

ଭୁବନେଶ୍ୱର,୦୭/୦୭ (ନି.ପ୍ର): ଚଳିତ ବର୍ଷ ଟୋକିଓ ଅଲିମ୍ପିକସ୍ ରେ ଅଂଶଗ୍ରହଣ କରୁଥିବା କିଟ୍ ବିଶ୍ୱବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀ ଓ ଜଣେ ଡାକ୍ତର ଙ୍କୁ ମିଶାଇ ମୋଟ ୪ ଜଣ ପ୍ରତିନିଧିଙ୍କୁ ରାଜ୍ୟପାଳ ପ୍ରଫେ ସର ଗଣେଶୀ ଲାଲ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ସଫଳତା କାମନା କରିଛନ୍ତି । ସେମାନଙ୍କର କୃତି ଓ କୃତିତ୍ୱ ମାଧ୍ୟମରେ ରାଜ୍ୟ ତଥା ଦେଶ ଗୌରବାନ୍ୱିତ ହେବ ବୋଲି ରାଜ୍ୟପାଳ ପ୍ରଫେସର ଲାଲ ଗଭୀର ଆସ୍ଥା ଏବଂ ବିଶ୍ୱାସ ପୋଷଣ କରିଛନ୍ତି। ଆଜି ରାଜଭବନରେ ଦ୍ୱିତୀୟ ଥର ଅଲିମ୍ପିକସ୍ ରେ ୧୦୦ ଓ ୨୦୦ ମିଟର ଦୌଡ଼ ଭଳି ଦୁଇଟି ଇଭେଂଟରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିବା ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରି ରାଜ୍ୟପାଳ ଅଲିମ୍ପିକସ୍ ରେ ତାଙ୍କର ନିଶ୍ଚିତ ସଫଳତା କାମନା କରିଛନ୍ତି। ଅସିଚାଳିକା ସି.ଏ. ଭବାନୀ ଦେବୀ ଓ ଜାଭେଲିନ୍ ଥ୍ରୋ ଖେଳାଳୀ ▶▶ପୃଷ୍ଠା ୭

ଦେଶ ପାଇଲା ନୂଆ ସ୍ୱାସ୍ଥ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ରେଳମନ୍ତ୍ରୀ

ନୂଆଦିଲ୍ଲୀ,୦୭/୦୭: ଦେଶ ପାଇଲା ନୂଆ ସ୍ୱାସ୍ଥ୍ୟମନ୍ତ୍ରୀ । ମନସୁଖ ମାଣ୍ଡଭ୍ୟ ହେଲେ ମୋଦୀ ସରକାରର ନୂଆ ସ୍ୱାସ୍ଥ୍ୟମନ୍ତ୍ରୀ । ଆଜି ମୋଦୀ ମନ୍ତ୍ରୀମଣ୍ଡଳର ସମ୍ପ୍ରସାରଣ ହେବା ସହିତ ଦେଶ ନୂଆ ସ୍ୱାସ୍ଥ୍ୟମନ୍ତ୍ରୀ ପାଇଛି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେ ସ୍ୱାସ୍ଥ୍ୟ ବିଭାଗ ସହିତ ସାର ଓ ରସାୟନ ବିଭାଗର ଅତିରିକ୍ତ ଦାୟିତ୍ୱରେ ମଧ୍ୟ ରହିବେ । ହର୍ଷବର୍ଦ୍ଧନଙ୍କ ଇସ୍ତଫା ପରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ପଦ ଖାଲି ରହିଥିଲା ଏବେ ମନସୁଖ ଦେଶର ଆଗାମୀ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ଭାର ସମ୍ଭାଳିବେ । ଅନ୍ୟପଟେ ଦେଶକୁ ନୂଆ ଶିକ୍ଷାମନ୍ତ୍ରୀ ମଧ୍ୟ ମିଳିଛି । କେନ୍ଦ୍ରମନ୍ତ୍ରୀ ପେଟ୍ରୋଲିୟମ ମନ୍ତ୍ରୀ ଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ନୂଆ କରି ଶିକ୍ଷାମନ୍ତ୍ରୀ ଓ ଦକ୍ଷତା ବିକାଶର ଦାୟିତ୍ୱ ଦିଆଯାଇଛି । ସେହିପରି ଓଡିଶାରୁ ନିର୍ବାଚିତ ହୋଇ ରାଜ୍ୟସଭା ଯାଇଥିବା ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ମୋଦୀ କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିଛି । ସେ କେନ୍ଦ୍ରରେ ରେଳମନ୍ତ୍ରୀ ହୋଇଛନ୍ତି ।

ଇସ୍ତଫା ଦେଲେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ

ନୂଆଦିଲ୍ଲୀ,୦୭/୦୭ (ନି.ପ୍ର): କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ପ୍ରତାପ ଷଡ଼ଙ୍ଗୀ ଇସ୍ତଫା ଦେଇଛନ୍ତି। ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ ଏମଏସଏମଇ ଓ ପଶୁ ସମ୍ପଦ ବିଭାଗର ରାଷ୍ଟ୍ରମନ୍ତ୍ରୀ ଥିଲେ। ବାଲେଶ୍ୱରରୁ ପ୍ରଥମ ଥର ସାଂସଦ ହୋଇଥିବା ପ୍ରତାପଙ୍କୁ ୨୦୧୯ରେ ମୋଦୀ ନିଜ ମନ୍ତ୍ରୀମଣ୍ଡଳରେ ସାମିଲ କରିଥିଲେ। ସେତେବେଳେ ପ୍ରତାପଙ୍କୁ ନେଇ ଜୋରଦାର ଚର୍ଚ୍ଚା ହୋଇଥିଲା। ବୁଧବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରି ମଣ୍ଡଳରେ ୪୩ ମନ୍ତ୍ରୀ ସାମିଲ ହୋଇଥିବା ବେଳେ ଏହା ପୂର୍ବରୁ ବହୁ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା ହର୍ଷବର୍ଦ୍ଧନ, ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ, ଓଡ଼ିଶାର ପ୍ରତାପ ଷଡ଼ଙ୍ଗୀ ଓ ପରିବେଶ ବିଭାଗର ରାଷ୍ଟ୍ରମନ୍ତ୍ରୀ ବାବୁଲ ସୁପ୍ରିଓ ଅଛନ୍ତି। ସନ୍ତୋଷ ଗଙ୍ଗୱାର(ଶ୍ରମ ରାଷ୍ଟ୍ରମନ୍ତ୍ରୀ), ଥାୱରଚାନ୍ଦ ଗେହଲଟ(ସାମାଜିକ ନ୍ୟାୟ ମନ୍ତ୍ରୀ), ସଦାନନ୍ଦ ଗୌଡ଼ା(ସାର ଓ ରସାୟନ ମନ୍ତ୍ରୀ) , ସଞ୍ଜୟ ଧୋତ୍ରେ(ଶିକ୍ଷା ରାଷ୍ଟ୍ରମନ୍ତ୍ରୀ) , ରାଓ ସାହେବ ଧାନଭେ ପାଟିଲ(ଖାଉଟି ବ୍ୟାପର ରାଷ୍ଟ୍ରମନ୍ତ୍ରୀ), ଦେବଶ୍ରୀ ଚୌଧୁରୀ(ଶିଶୁ ଓ ମହିଳା ବିକାଶ ରାଷ୍ଟ୍ରମନ୍ତ୍ରୀ), ରତନ ଲାଲ କଟାରିଆ(ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ) ଓ ଅଶ୍ୱିନୀ କୁମାର ଚୌବେ(ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ) ପ୍ରମୁଖ ଇସ୍ତଫା ଦେଇଛନ୍ତି।

ଛାତ୍ରଛାତ୍ରୀଙ୍କୁ ଘରକୁ ଘର ବୁଲି ପାଠ ପଢାଇବେ ସରକାର

ଭୁବନେଶ୍ୱର,୦୭/୦୭(ନି.ପ୍ର): ଅନଲାଇନ୍ ଶିକ୍ଷାରୁ ବଂଚିତ ଛାତ୍ରଛାତ୍ରୀଙ୍କୁ ଘରେ ପାଠ ପଢାଯିବ। ଇଂଟରନେଟ ନଥିବା ଉପାନ୍ତ ଅଂଚଳଗୁଡ଼ିକରେ ଶିକ୍ଷକତା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଘରକୁ ଘର ବୁଲି ପାଠ ପଢାଇବେ। ଇଂଟର୍ନସିପ୍ ପ୍ରୋଗ୍ରାମ ମାଧ୍ୟମରେ ସେମାନେ ପାଠ ପଢାଇବେ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି। ସିବିଟି ମାଧ୍ୟମରେ ୧୦ ହଜାର ଶିକ୍ଷକତା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ। ଏମାନେ ୧୦୦୦୦ ଗାଁରେ ପାଠ ପଢାଇବେ ।

ଏଥର ବାଉଁଶ ଗହଣାରେ ଚମକିବେ ଝିଅ

ଦେଶ ବିଦେଶରେ ଗହଣାର ଚାହିଦା ସୃଷ୍ଟି କରିବା ପାଇଁ ପ୍ରୟାସ, ସରକାରଙ୍କ ଅନୁଦାନ ଓ ସହଯୋଗ ଅପେକ୍ଷାରେ

ଗୁଣୁପୁର,୭/୭ (ନି.ପ୍ର): ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ହେଉଛି ମଣିଷ। ମଣିଷ ପାଇଁ ସୃଷ୍ଟିର ସବୁଠୁ ସୁନ୍ଦର ଉପହାର ହେଉଛି ପ୍ରକୃତି । ପ୍ରକୃତିକୁ ନେଇ ଏହି ଜୀବନ। ମଣିଷକୁ ବଞ୍ଚିବା ପାଇଁ ପ୍ରକୃତି ତାର ସବୁ ଉପାଦାନକୁ ମଣିଷ ପାଇଁ ସମର୍ପଣ କରିଦେଇଛି । କିନ୍ତୁ ବୈଜ୍ଞାନିକ ଯୁଗରେ ମଣିଷ ସେଗୁଡିକୁ ଭୁଲି ଧାତୁରେ ସବୁ ନିର୍ମାଣ କରୁଥିବା ବେଳେ ଲୋକଙ୍କର ମଧ୍ୟ ଧାତୁ ସାମଗ୍ରୀ ଉପରେ ଚାହିଦା ବଢିବାକୁ ଲାଗିଛି। ଯାହାକି ଅନେକ ସମୟରେ ସେଗୁଡିକୁ ବ୍ୟବହାର କରିବା ଦ୍ୱାରା ପାର୍ଶ୍ୱ ପ୍ରତିକ୍ରିୟା ଦେଖୀବାକୁ ମିଳୁଛି। ଏଭଳି ସ୍ଥିତିରେ ଧାତୁରେ ନିର୍ମିତ ବସ୍ତୁ ବା ଅଳଙ୍କାରକୁ ବାଦ ଦେଇ ପ୍ରକୃତିର ଉପାଦାନ ବାଉଁଶ ରେ ଅଳଙ୍କାର ପ୍ରସ୍ତୁତ କରି ଝିଅ ମାନଙ୍କୁ ଝଲସାଇବା ସହ ପାର୍ଶ୍ୱ ପ୍ରତିକ୍ରିୟାରୁ ବଂଚିତ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି ରାୟଗଡ ଜିଲ୍ଲା କୋଲନରା ବ୍ଲକ ବଡ଼ ଚାନ୍ଦିଲିର କଲେଜ ପଢୁଆ ଆଦିବାସୀ ଝିଅମାନେ। ପାଠ ପଢା ପରେ ସ୍ୱାବଲମ୍ବୀ ହେବାକୁ ଯୋଜନା କରି ଗଠନ କଲେ ମା ସନ୍ତୋସି ବାଳିକା ଗୋଷ୍ଠୀ। ଲୋକେ ବାଉଁଶ କରଡିକୁ ଖାଦ୍ୟ ରୂପେ ବ୍ୟବହାର ସହ କୁଲା, ଡୋଲା, ଡାଟ, ମସିଣା, ତଲାରୀ ଭଳି ବହୁ ସୁନ୍ଦର ସୁନ୍ଦର ଜିନିଷ ତିଆରି କରି ବ୍ୟବହାର କରୁଥିଲେ। ତାକୁ ବର୍ତମାନ ନୂଆରୁପ ଦେଇ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଚମକାଇବା ପାଇଁ ଚିନ୍ତା କରି ଆରମ୍ଭ କରିଛନ୍ତି କିଛି ବାଉଁଶରେ ନିର୍ମିତ ଅଳଙ୍କାର।ଏତିକି ବେଳେ ଏମାନଙ୍କୁ ସହଯୋଗର ହାତ ବଢ଼ାଇଲା ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟକରୁଥିବା ସ୍ୱର୍ଶ ଅନୁଷ୍ଠାନ। ଉନ୍ନତମାନ କୌଶଳରେ ତାଲିମ ଦାତାଙ୍କୁ ଆଣି ବାଉଁଶରେ ଅଳଙ୍କାର ସହ ଅନ୍ୟ ସାମଗ୍ରୀ ତିଆରି କରିବାର ତାଲିମ ପ୍ରଦାନ କଲା ଅନୁଷ୍ଠାନ। ତାଲିମ ପାଇବା ପରେ ଆରମ୍ଭ ହେଲା ବାଉଁଶରେ ତିଆରି ଅଳଙ୍କାର ସାଙ୍ଗକୁ ଝିଅ ମାନଙ୍କୁ ଝଲସାଇବା ଭଳି ହେଡ଼ କ୍ଲିପ, ଚୁଡ଼ି ସାଙ୍ଗକୁ ଭଳିକି ଭଳି ଅଳଙ୍କୃତ ସାମଗ୍ରୀ। ଖାଲି ସେତିକି ନୁହେଁ ଋତୁ ଅନୁଯାୟୀ ଆବଶ୍ୟକ ହେଉଥିବା ରାକ୍ଷୀ ମଧ୍ୟ ସ୍ୱଳ୍ପ ବ୍ୟୟରେ ବେଶ ମନମୁଗ୍ଧ ଓ ଆକର୍ଷଣ ଯାହାକି ଗ୍ରାହକଙ୍କୁ ନିଜ ଆଡକୁ ବେଶ ଆକୃଷ୍ଟ କରିବ। ଫଳରେ ଗୋଟିଏ ପଟେ ଝିଅମାନେ ଏହାକୁ ବ୍ୟବହାର କରିବା ପାଇଁ ଆଗଭର ହେବା ସହିତ ତିଆରି କାର୍ଯ୍ୟରେ ନିୟୋଜିତ ହୋଇଥିବା ଝିଅମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଛନ୍ତି ଗୋଷ୍ଠୀର ସଦସ୍ୟ ତଥା ବାଉଁଶ ଅଳଙ୍କାର ନିର୍ମାତା ସନ୍ଧ୍ୟା ପୁଲାକା। ବାଉଁଶକୁ ଆଣି ପ୍ରଥମେ ଆବଶ୍ୟକ ଅନୁଯାୟୀ ଛୋଟ ଛୋଟ କରି କାଟିବାପରେ ଖରାରେ ଶୁଖାଇ ଦିଅନ୍ତି। ପୋକ ନ ଲାଗିବା ପାଇଁ ପାଣିରେ ନିମ୍ବପତ୍ର,ଗୋମୂତ୍ର,ଖାର ଇତ୍ୟାଦି ଦେଇ ସିଝାଇ ଦେବା ଫଳରେ ଅଳଙ୍କାର ୪ରୁ ୫ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ରହୁଥିବା କହିଛନ୍ତି । ଗୁପ୍ତେଶ୍ୱରୀ ଆଡମକା। ଏଭଳି ଅଳଙ୍କାର ତିଆରି ହେବା ପରେ ଗ୍ରାହକ କିଭଳି ଏହାକୁ ଗ୍ରହଣ କରିବେ ଏବଂ ବାହାର ଗ୍ରାହକଙ୍କ ପାଇଁ ଅନଲାଇନ ବ୍ୟବସ୍ଥା ସହ ସ୍ଥାନୀୟ ଗ୍ରାହକଙ୍କ ପାଇଁ ଆଇ ଟି ଡି ଏ ଏବଂ ଓରମାସର ସହଯୋଗରେ ଆଗକୁ ବଢିବାକୁ ଆଶା ବାନ୍ଧିଥିବା କହିଛନ୍ତି ସ୍ୱର୍ଶ ଅନୁଷ୍ଠାନର ପ୍ରଜେକ୍ଟ ମେନେଜର କାମିନୀ ସିଂ।

ଅପର ପକ୍ଷେ ସ୍ୱର୍ଶ ଅନୁଷ୍ଠାନର ଏଭଳି କାର୍ଯ୍ୟ ଶୈଳୀକୁ ନେଇ ଗାଁର ଶିକ୍ଷିତ ଝିଅ ମାନଙ୍କୁ ସ୍ୱାବଲମ୍ବୀ କରିବା ପ୍ରୟାସ ସହ ରୋଜଗାର କ୍ଷମ କରିବାର ପ୍ରତିଶ୍ରୁତି ଦେଇଥିବାରୁ ଗାଁ ଲୋକେ ସ୍ୱାଗତ କରିଥିବା କହିଛନ୍ତି ଗ୍ରାମବାସୀ ଅଶ୍ୱିନୀ ପେଦେଣ୍ଟି। ଏହିପରି ହସ୍ତ ଶିଳ୍ପ ପାଇଁ ଯଦି ସରକାର ସହଯୋଗ କରନ୍ତି ତେବେ ଘରକାମ ଏବଂ କଲେଜ ପାଠ ପଢ଼ା ସମୟ ପରେ ସଂଧ୍ୟା ସମୟରେ ସେମାନେ ତିନିରୁ ଚାରି ଘଣ୍ଟା ଏହି କାର୍ଯ୍ୟରେ ନିୟୋଜିତ ହୋଇପାରିବେ ଏବଂ କିଛି ରୋଜଗାର କରି ନିଜ ପାଠ ପଢା ସହ ଘର ଚଳେଇବା ପାଇଁ ସକ୍ଷମ ହୋଇପାରିବେ ବୋଲି ଆଶା ବାନ୍ଧିଛନ୍ତି ଆଦିବାସୀ ଅଳଙ୍କାର କାରିଗରୀ ଛାତ୍ରୀ । ଏଗୁଡିକ ତିଆରି କରି ବହୁତ ଖୁସି ଅନୁଭବ କରୁଥିବା ସହ ସରକାରଙ୍କ ସହାୟ୍ୟକୁ ଅପେକ୍ଷା କରି ରହିବା କହିଛନ୍ତି ବାଉଁଶ ଅଳଙ୍କାର କାରିଗରୀ ସନ୍ଧ୍ୟା ପୁଲାକା। ରାୟଗଡ ଭଳୀ ଏକ ଆଦିବାସୀ ଅଧୁଷିତ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏମାନଙ୍କୁ ଆହୁରି ଅନେକ କିଛି ଜିନିଷ ଅଛି ଯାହା ଆମେ ପ୍ରକୃତି ରୁ ପାଇପାରିବା ଏ୍ବ ନିଜେ ପରିଧାନ କରି ନିଜକୁ ଗର୍ବିତ ଅନୁଭବ କରିବା ଏବଂ ସ୍ୱାବଲମ୍ବୀ ମଧ୍ୟ ହୋଇପାରିବା।

ଦୁଇ ବର୍ଷ ହେଲା ପାଉଣା ନପାଇ ବିଦ୍ୟୁତ୍ ଠିକା ଶ୍ରମିକ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ

କନ୍ଧମାଳ,୭/୭ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଗ୍ରାମାଂଚଳରେ ଘରେଘରେ ବିଜୁଳି ପହଂଚାଇବା ଯୋଜନାରେ ଏନ.ଟି.ପି.ସି ଦ୍ୱାରା ଫିଡକୋ କମ୍ପାନୀ ଜରିଆରେ ଠିକାଦାର ମାନଙ୍କ ସମେତ ଶ୍ରମିକ ମାନଙ୍କୁ ନେଇ କାର୍ଯ୍ୟ କରିବା ପରେ ସେମାନଙ୍କର ବକେୟା ପାରିଶ୍ରମିକ ନ ଦେବା ଯୋଗୁଁ ଦୁଇ ବର୍ଷ ହେଲା ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଏହି କାମ କରିଥିବା ଠିକା ଶ୍ରମିକ ମାନେ । ଦିର୍ଘ ଦୁଇ ବର୍ଷ ହେଲା ସେମାନଙ୍କର ପାଉଣା ନ ମିଳିବାରୁ ଏହି ଠିକା ଶ୍ରମିକ ମାନେ ଆଜି କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡି ଙ୍କୁ ଏହି ମାମଲାରେ ହସ୍ତକ୍ଷେପ କରି ସେମାନଙ୍କ ପାଉଣା ପାଇବାରେ ସହାୟତା କରିବାକୁ ନିବେଦନ କରିଛନ୍ତି । ସୂଚନା ଅନୁସାରେ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା ର କାର୍ଯ୍ୟକୁ କନ୍ଧମାଳ ଜିଲ୍ଲାର ଗ୍ରାମାଂଚଳରେ ବିଦ୍ୟୁତିକରଣ ପାଇଁ ଜିଲ୍ଲାର ବଣ ପାହାଡ ଅଂଚଳରେ ଫିଡକୋ କମ୍ପାନୀ ନେଇଥିବା କାମକୁ ଜିଲ୍ଲାର କିଛି ଠିକା ଶ୍ରମିକ ମାନେ କିଛି ରୋଜଗାର ଆଶାରେ ହାତକୁ ନେଇଥିଲେ । କାମ ସରିବା ପରେ ଫିଡକୋ କମ୍ପାନୀ ସେମାନଙ୍କର ବକେୟା ପାଉଣା ନ ଦେଇ ଚମ୍ପଟ୍ ମାରିଛି । ସେମାନେ କମ୍ପାନୀ କାର୍ଯ୍ୟାଳୟରେ ଯାଇ ସେମାନଙ୍କର ପାଉଣା ମାଗିବାରୁ ସେମାନଙ୍କୁ କମ୍ପାନୀର କର୍ମଚାରୀ ମାନେ ଓଲଟା ଧମକାଉଥିବା ଅଭିଯୋଗ କରିଛନ୍ତି ଏହି ଠିକା ଶ୍ରମିକ ମାନେ। ସେମାନେ କୁଆଡେ କହୁଛନ୍ତି ତୁମେ ଯାହା କରୁଛ କର ଆମେ ତୁମର ଟଙ୍କା ଦେଇପାରିବୁ ନାହିଁ । ସେଥିପାଇଁ ସେମାନେ ବାଧ୍ୟ ହୋଇ ଆଜି ଜିଲ୍ଲାପାଳଙ୍କୁ ଏହି ଦାବୀପତ୍ର ଦେଇଛନ୍ତି । ସେମାନେ ଏହି କାମ କରିବାକୁ ସେମାନଙ୍କର ଘରର ସୁନା ଏବଂ ଅନ୍ୟାନ୍ୟ ଆସବାବପତ୍ର ବନ୍ଧକ ରଖି ଏହି କାମ କରିଛନ୍ତି। କରୋନା କାଳରେ ମଧ୍ୟ ସେମାନେ ଟଙ୍କା ନମିଳିବାରୁ ଅତି ଅସୁବିଦାରେ ଚଳୁଛନ୍ତି । ସେମାନଙ୍କର ବକେୟା ପାଉଣା ନ ମିଳିଲେ ସେମାନେ ଆତ୍ମାହୁତି ଦେବାକୁ ଧମକ ଦେଇଛନ୍ତି । ସେମାନଙ୍କ ମଧ୍ୟରେ ପ୍ରଭାସ ସାହୁ,ବିରୁପାକ୍ଷ କହଁର,ପ୍ରମୋଦ ମଲ୍ଲିକ, ରଞ୍ଜିତ ମଲ୍ଲିକ, ଜିତେନ୍ଦ୍ର ଖଟୁଆ ଏବଂ ଶ୍ୟାମଘନ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି ।

ଆଇନସେବା ପ୍ରାଧିକରଣ ଦ୍ୱାରା ବୃକ୍ଷ ରୋପଣ

କେନ୍ଦ୍ରାପଡ଼ା,୭/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ବନ ବିଭାଗର ମିଳିତ ଆନୁକୁଲ୍ୟରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ନାଗପୁରା ଠାରେ ବନ ମହୋତ୍ସବ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ମାନ୍ୟବର ଗୋପାଳ ଚନ୍ଦ୍ର ବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଦାଲତର ବିଚାରପତି, କର୍ମଚାରୀ, ପ୍ୟାନେଲ ଲୟର, ପାରାଲିଗାଲ ଭଲ୍ୟୁଣ୍ଟିୟର ଙ୍କ ଦ୍ୱାରା ଚାରା ରୋପଣ କରାଯାଇ ଥିଲା । ଏଥିରେ ଅତିରିକ୍ତ ଜିଲ୍ଲା ଜଜ୍ ମନ୍ୟବର ମୋହନ ରାଓ ଦୋରା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିବସ୍ୱତ ଗୌତମ, ବରିଷ୍ଠ ଦେୱାନୀ ବିଚାରପତି କୁମୁଦିନୀ ମୁଦୁଲୀ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ସୋଭନ୍ କାନୁନ୍‌ଗୋ, ରେଜିଷ୍ଟାର୍ ପୁଣ୍ୟଶ୍ଳୋକ ରଥ, ଦେୱାନୀ ବିଚାରପତି ରାଜେଶ ରୋଶନ ନନ୍ଦ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅମିତ୍ ବେହେରା ଓ ସୃତିବ୍ରିତି ଆଚାର୍ଯ୍ୟ ଓ ବନ ବିଭାଗର ଏସିଏଫ୍ ଶରତ ଚନ୍ଦ୍ର ସାହୁ, ରେଞ୍ଜର ଗୋବିନ୍ଦ ଚନ୍ଦ୍ର ରଥ, ଆଇନଜୀବି ନିରଞ୍ଜନ ବଳ ଯୋଗଦାନ କରି ଚାରା ରୋପଣ କରିଥିଲେ ।

୨୦ଟି ଚୋରି ମୋବାଇଲ୍ ଉଦ୍ଧାର

ଗଞ୍ଜାମ,୭/୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରରେ ବିଭିନ୍ନ ସମୟରେ ଚୋରି ହୋଇଥିବା ପ୍ରାୟ ୨୦ଟି ମୋବାଇଲ୍ କୁ ଉଦ୍ଧାର କରିଛି ପୋଲିସ । ପୋଲିସ ପକ୍ଷରୁ କାଗଜପତ୍ର ଯାଂଚ୍ ପରେ ସେହି ମୋବାଇଲ୍ ଗୁଡିକ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଗତ ମାସରେ ଲକ୍ ଡାଉନ୍ ଯୋଗୁଁ ବଜାର ଖୋଲିବା ସମୟ ଉପରେ କଟକଣା ଜାରୀ କରାଯାଇଥିଲା । ସକାଳ ୬ଟା ଠାରୁ ପୂର୍ବାହ୍ନ ୧୧ ଟା ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ବଜାରରୁ କିଣିବା ନିମନ୍ତେ ଗ୍ରାହକଙ୍କୁ ଅନୁମତି ମିଳିଥିଲା । ଏହି ସମୟରେ ଲୋକେ ତରବର ହୋଇ ବଜାର କରିବା ସମୟରେ ଗହଳିର ସୁଯୋଗ ନେଇ କିଛି ଚୋର ଲୋକଙ୍କ ମୋବାଇଲ୍ ଚୋରି କରିଥିବା ଜଣାପଡିଥିଲା। ଏଗୁଡିକ ଯାଂଚ୍ ପରେ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି।

ଜୟପୁର ବିଧାୟକଙ୍କ ମୋବାଇଲ ୧୦ ଦିନ ବନ୍ଦ ରହିବ

ଜୟପୁର,୭/୭ (ନି.ପ୍ର): ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ମୋବାଇଲ ୧୦ ଦିନ ବନ୍ଦ ରହିବ । ଏନେଇ ବିଧାୟକ ବାହିନିପତି ୧ ମିନିଟ ୨୧ ସେକେଣ୍ଡର ଏକ ଭିଡିଓ ବାର୍ତାରେ ଜଣାଇଛନ୍ତି । ସେ କୋରନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଘରୋଇ ହସପିଟାଲରେ ଚିକିତ୍ସା ହେଉଥିଲେ । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିବାରୁ ସେ ଭୁବନେଶ୍ୱର ଘରେ ରହିଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ୧୦ ଦିନ ମୋବାଇଲ ବନ୍ଦ ରହିବ । ୨୪ ଘଂଟା ଫୋନ ଆସିବାରୁ ସେ ବିଶ୍ରାମ ନେଇପାରୁ ନାହଁନ୍ତି । ଆବଶ୍ୟକ ସ୍ଥଳରେ ସେ ହାଇଦ୍ରାବାଦ ମଧ୍ୟ ଚିକିତ୍ସା ପାଇଁ ଯାଇପାରନ୍ତି ବୋଲି ପୋଲିସ ସୂଚନା ଦେଇଛି । ସେଥିପାଇଁ ଜୟପୁର ନିର୍ବାଚନ ମଣ୍ଡଳି, କୋରାପୁଟ ଜିଲା ଓ ରାଜ୍ୟବାସିଙ୍କୁ ସେ କ୍ଷମା ମାଗିଛନ୍ତି ।

ଛତିଶଗଡ଼ କଂଗ୍ରେସ ପ୍ରଭାରୀଙ୍କୁ ସମ୍ବର୍ଦ୍ଧନା

ଜୟପୁର,୭/୭ (ନି.ପ୍ର): କୋରାପୁଟ ସାଂସଦ ତଥା ଛତିଶଗଡର କଂଗ୍ରେସ ପ୍ରଭାରୀ ଓ ଏଆଇସିସିର ସାଧାରଣ ସମ୍ପାଦକ ସପ୍ତଗିରି ଉଲ୍ଲକାଙ୍କୁ ଜୟପୁର ଜିଲା କଂଗ୍ରେସ ଭବନ ଠାରେ ସମ୍ବର୍ଦ୍ଧିତ କରାଯାଇଛି । ଛତିଶଗଡର ପ୍ରଭାରୀ ଭାବେ ଉଲ୍ଲକା ଦାୟିତ୍ୱ ନେବା ପରେ ସେ ପ୍ରଥମ ଥର ପାଇଁ ଜୟପୁର ଆସିଥିଲେ । ଏହି ଅବସରରେ ଜିଲା କଂଗ୍ରେସ, ନଗର କଂଗ୍ରେସ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜାତୀୟ ରାଜପଥର ବିକାଶ, ବାଇପାସ୍ ରାସ୍ତାର ବିକାଶ କାର୍ଯ୍ୟ ଚାଲିଥିବା କଥା କହିଥିବା ବେଳେ ଖୁବ ଶିଘ୍ର କେନ୍ଦ୍ରୀୟ ବିଦ୍ୟାଳୟ ଜୟପୁରରେ ହେବା ସହ ଏୟାରଷ୍ଟ୍ରିପରେ ବିମାନ ଚାଲିବା, ଜଗନ୍ନାଥ ସାଗରର ବିକାଶ ଆଦି ପାର୍ଲାମେଂଟରେ ଉଠାଇବା ନେଇ ସେ ସୂଚନା ଦେଇଥିଲେ । ଛତିଶଗଡର ପ୍ରଭାରି ଦାୟିତ୍ୱ ମିଳିଥିବାରୁ ସେ ଆସନ୍ତା ୨୦୨୩ ନିର୍ବାଚନରେ ଛତିଶଗଡରେ କିପରି କଂଗ୍ରେସ ସରକାର କରିବ ସେ ନେଇ କାର୍ଯ୍ୟ ଆରମ୍ଭ କରିଥିବା ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି କୃଷ୍ଣ ନେପାକ ଓ ହସନ ମଦାନି, ଜିଲା କଂଗ୍ରେସ କମିଟି କୋଷାଧ୍ୟକ୍ଷ ନିହାର ବିଷୋୟୀ, ନଗର କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି, ପୂର୍ବତନ ବିଧାୟକ ନିମାଇ ସରକାର, ବ୍ରଜ ନାଗ, କାନ୍ତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

ତାଲୁକସ୍ତରୀୟ ଆଇନ ସେବା ସମିତି ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବନ ଦିବସ ପାଳିତ

ନୂଆପଡା,୭/୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ତାଲୁକ ସ୍ତରୀୟ ଆଇନ ସହାୟତା ସମିତି ଏବଂ ଖଡିଆଳ ସ୍ୱୟଂଶାସିତ କଲେଜ ପରିସର ମଧ୍ୟରେ ୭୨ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ତାଲୁକସ୍ତରୀୟ ଆଇନ ସହାୟତା ସମିତି ପକ୍ଷରୁ ସହରର ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ଠାରେ ୭୨ ତମ ବନ ମହୋତ୍ସବ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ସବଜଜ ଡ. ପ୍ରଦୀପ କୁମାର ପ୍ରଧାନ ଯୋଗ ଦେଇଥିଲେ । ଖଡିଆଳ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅବଦୁଲ ରହେମାନ ସିଦ୍ଧିକ, ସଦସ୍ୟ ଡ. ଫଣିନ୍ଦମ ସିଂ ଦେଓ, ମେଜର ଡ. ରାମଚନ୍ଦ୍ର ମିଶ୍ର ସହ ବିଦ୍ୟାଳୟର ଶିକ୍ଷକ ମାନେ ଯୋଗଦାନ କରିଥିଲେ । ସେହିପରି ଖଡିଆଳ ସ୍ଥିତ ସ୍ୱୟଂସାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ବନ ମହୋତ୍ସବରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର ଉପକୁଳପତି ପ୍ରଫେସର ସଞ୍ଜୟ କୁମାର ସତପଥୀ ମୁଖ୍ୟ ଅତିଥି ଓ ଡକ୍ତର ଫଣିନ୍ଦମ ଦେଓ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ । ଆୟୋଜିତ ସଭାରେ ଦାୟିତ୍ୱରେ ଥିବା କଲେଜ ଅଧ୍ୟକ୍ଷା ଅନୁପମା ପାଢୀ ଅଧ୍ୟକ୍ଷତା କରିଥିବା ବେଳେ ଯୁକ୍ତ ୨ ଇନଚାର୍ଜ ଗଙ୍ଗାଧର ପାଣିଗ୍ରାହୀ ମଂଚାସିନ ଥିଲେ । ଯୁବ ରେଡକ୍ରସ ସଂଯୋଜକ ଡ. ତରୁଣ କୁମାର ପ୍ରଧାନ ପରିଚାଳନା କରିଥିଲେ । ଶେଷରେ ଏନସିସି ଅଫିସର ଡ. ବିଷ୍ଣୁଦେବ ସିଂମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥି ମାନେ ବୃକ୍ଷରୋପଣର ଉଦ୍ଦେଶ୍ୟ ଓ ଉପକାର ଉପରେ ଆଲୋକପାତ କରି ଚାରା ରୋପଣ କରିଥିଲେ ।

ଭଦ୍ରକ କଲେଜର ୭୪ ତମ ପ୍ରତିଷ୍ଠା ଦିବସ ପାଳିତ

ଭଦ୍ରକ,୭/୭ (ନି.ପ୍ର): କୋଭିଡ କଟକଣା ଭିତରେ ଐତିହ୍ୟ ସମ୍ପନ୍ନ ଭଦ୍ରକ ମହାବିଦ୍ୟାଳୟର ୭୪ ତମ ପ୍ରତିଷ୍ଠା ଦିବସ ପୁରାତନ ଛାତ୍ର ସଂସଦ ଓ କଲେଜ କର୍ମକର୍ତ୍ତାଙ୍କ ମିଳିତ ସହଯୋଗିତାରେ ନିରାଡାମ୍ବର ଭାବେ କୋଭିଡ଼ କଟକଣା ଅନୁପାଳନ ପୂର୍ବକ ପାଳିତ ହୋଇ ଯାଇଛି। ସକାଳେ କଲେଜ ପରିସରରେ ଥିବା ସ୍ୱର୍ଗତ ଡଃ. ହରେକୃଷ୍ଣ ମହତାବ ଓ କଲେଜର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ନରେନ୍ଦ୍ର କୁମାର ଦାସ, ସ୍ୱର୍ଗତ ଛକଡି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପତାକା ଉତ୍ତୋଳନ କରା ଯାଇଥିଲା। ପୁରାତନ ଛାତ୍ର ଅମରେନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନା ଓ ଗୋକୁଳି ମହାନ୍ତିଙ୍କ ସହଯୋଗରେ ଆୟୋଜିତ ଏହି ମାଲ୍ୟାର୍ପଣ ସମାରୋହରରେ ପୁରାତନ ଛାତ୍ର ସଂସଦର ସଂପାଦକ ଅଜୟ ନାୟକ ଓ କଲେଜ ଅଧ୍ୟକ୍ଷ ଉମାକାନ୍ତ ସାମଲ ପ୍ରମୁଖ ନିଜର ମତାମତ ରଖିଥିବା ବେଳେ ମହାମାରୀ ବେଳେ ଅସମୟରେ କରୋନାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କରୋନାରେ ଚିକିତ୍ସାଧିନ ଥିବା ଧାମନଗର ବିଧାୟକ ତଥା ପୁରାତନ ଛାତ୍ର ବିଷ୍ଣୁ ସେଠୀଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ସ୍ୱଳ୍ପ ଅଭିଭାଷଣରେ ସଂପାଦକ ଅଜୟ ନାୟକ ଐତିହ୍ୟ ସମ୍ପନ୍ନ କଲେଜର ଜରାଜୀର୍ଣ୍ଣ ଅବସ୍ଥାକୁ ନେଇ ପ୍ରସାଶନର ସ୍ଥାଣୁତା ବିଷୟରେ ନିଜର କ୍ଷୋଭ ପ୍ରକାଶ କରିଥିଲେ। ଅଧ୍ୟକ୍ଷ କଲେଜରେ ଥିବା ବିଭିନ୍ନ ଅଭାବ ଅସୁବିଧା ସୁଧାରିବାରେ ପୁରାତନ ଛାତ୍ର ସଂସଦର ସହଯୋଗ ଲୋଡିଥିଲେ। ମାଲ୍ୟାର୍ପଣ ସଭାରେ ଶିକ୍ଷୟିତ୍ରୀ ଚାରୁଲତା ମହାପାତ୍ର ଧନ୍ୟବାଦ ଅର୍ପଣ ପରେ ପୁରାତନ ଛାତ୍ର ସଂସଦ ଭବନରେ ଛାତ୍ର ସଂସଦର ପୂର୍ବତନ ସଭାପତି ଡାକ୍ତର ଦୁର୍ଯ୍ୟୋଧନ ଦାସଙ୍କ ସଭାପତିତ୍ୱରେ ଛାତ୍ର ସଂସଦର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସଂପାଦକ ଅଜୟ ନାୟକ ଓ ପୁରାତନ ଛାତ୍ର ତଥା ଅଧିବକ୍ତା ଦିବ୍ୟସିଂ ନାୟକ ଅତିଥି ଭାବେ ଯୋଗ ଦେଇ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ମିଳିବା ଯାଏ ସଂସଦ ତାର ସଂଗ୍ରାମ ଜାରି ରଖିବା ପାଇଁ ମତ ଦେଇ ଥିଲେ। ପୁରାତନ ଛାତ୍ର ସଂସଦର କାର୍ଯ୍ୟକାଳ ପୂର୍ଣ୍ଣ ହୋଇ ଯାଇ ଥିବାରୁ ମହାମାରୀ କରୋନା ପାଇଁ ସାଧାରଣ ପରିଷଦ ବୈଠକ ସମ୍ଭବ ହେଉ ନ ଥିବାରୁ କଟକଣା ଉଠିବା ପରେ ପରବର୍ତ୍ତୀ ସାଧାରଣ ପରିଷଦ ବୈଠକ

ଦେଶ ବାହାରେ ଶିବ ମନ୍ଦିର

ସର୍ବବିଦ୍ୟମାନ ଦେବାଧିଦେବ ମହାଦେବ । କେବଳ ଭାରତରେ ତାଙ୍କୁ ପୂଜା କରାଯାଏ ନାହିଁ, ବିଶ୍ୱର ବିଭିନ୍ନ ଦେଶରେ ବିଶ୍ୱନାଥଙ୍କର ମନ୍ଦିର କେଉଁ ପ୍ରାଚୀନ କାଳରୁ ରହିଆସିଛି । ଏହା ମଧ୍ୟରୁ ସ୍ଥାପତ୍ୟ ଏବଂ ସାଜସଜ୍ଜାରେ ଖୁବ୍ ଆବର୍ଷଣୀୟ ଥିବା ପ୍ରମୁଖ ପାଞ୍ଚଟି ମନ୍ଦିରର କଥା...

ରାମାୟଣ କାଳରୁ ଏହି ମନ୍ଦିର ପ୍ରତିଷ୍ଠିତ ଥିବାର କୁହାଯାଇଛି । ଶ୍ରୀଲଙ୍କାର ଏକ ଗ୍ରାମ ମୁନ୍ନେଶ୍ୱରମରେ ଥିବା ଏହି ମନ୍ଦିରରେ ଭଗବାନ ମହାଦେବଙ୍କ ସହିତ କାଳୀଙ୍କୁ ପୂଜା କରାଯାଏ ଦକ୍ଷିଣ ଭାରତୀୟ ଦ୍ରାବିଡ଼ ଶୈଳୀରେ ନିର୍ମିତ ମନ୍ଦିରର ସ୍ଥାପତ୍ୟ ଖୁବ ଭବ୍ୟ ଏବଂ ଆକର୍ଷର । ପ୍ରତିବର୍ଷ ଶ୍ରୀଲଙ୍କା ଏବଂ ଭାରତରୁ ଏଠାକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସିଥାନ୍ତି । ଭଗବାନ ଶ୍ରୀରାମ ରାବଣଙ୍କୁ ବଧ କରିବା ପରେ ଏଠାରେ ଶିବଙ୍କ ପୂଜାର୍ଚ୍ଚନା କରିଥିଲେ ବୋଲି କୁହାଯାଏ । ମନ୍ଦିର ପରିସରରେ ପାଞ୍ଚଟି ମନ୍ଦିର ଥିବାବେଳେ ସବୁଠାରୁ ବଡ଼ ଏବଂ ସୁନ୍ଦର ମୁଖ୍ୟ ମନ୍ଦିରରେ ଭଗବାନ ଶିବ ପୂଜା ପାଇଥାନ୍ତି । ପର୍ତ୍ତୁଗୀଜମାନେ ଦୁଇ ଦୁଇଥର ଏହି ମନ୍ଦିର ଉପରେ ଆକ୍ରମଣ କରି କ୍ଷତି କରିବାକୁ ଚେଷ୍ଟା କରିଥିଲେ ।

ପ୍ରମ୍ବନନ୍ଦିର (ଜାଭା ଇଣ୍ଡୋନେସିଆ)

ନବମ ଶତାବ୍ଦୀରେ ମାତରମ ରାଜ୍ୟର ଶାସକ ରାକାଇ ପିକତାନ ଏହି ମନ୍ଦିର ନିର୍ମାଣ କରାଇଥିଲେ । ହିନ୍ଦୁ ସଂସ୍କୃତି ଏବଂ ଦେବଦେବୀଙ୍କୁ ସମର୍ପିତ ଏହା ଏକ ଖୁବ ସୁନ୍ଦର ଏବଂ ପ୍ରାଚୀନ ମନ୍ଦିର । ଦକ୍ଷିଣ-ପୂର୍ବ ଏସିଆରେ ଏହା ଅନ୍ୟତମ ବୃହତ୍ତମ ମନ୍ଦିର ହୋଇଥିବାବେଳେ ଇଣ୍ଡୋନେସିଆର ସର୍ବବୃତ ହିନ୍ଦୁ ମନ୍ଦିର । 'ପ୍ରମ୍ବନନ' ଶବ୍ଦଟି 'ପରବ୍ରହ୍ମନ'ରୁ ଆସିଛି । ଜାଭା ଭାଷାରେ ଏହାର ଅର୍ଥ ପରଂବ୍ରହ୍ମ । ମନ୍ଦିରଟି ବ୍ରହ୍ମା, ବିଷ୍ଣୁ ଏବଂ ଶିବଙ୍କ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିବା ବେଳେ ଏହିପରି ୨୪୦ଟି ମନ୍ଦିର ଥିଲା । ଏଥିରୁ ଅଧିକାଂଶ ଏବେ ଧ୍ୱଂସ ପ୍ରାୟ । ଶିବଙ୍କ ପାଇଁ ଥିବା ମନ୍ଦିରଟି ପରିସରର ସବୁଠାରୁ ଭିତରେ ରହିଛି । ଏହା ଏଠାରେ ଥିବା ମନ୍ଦିରମାନଙ୍କ ମଧ୍ୟରୁ ସର୍ବବୃହତ ।

କଟାସରାଜ ମନ୍ଦିର (ଚକୱାଲ, ପାକିସ୍ତାନ)



ପଞ୍ଜାବ ନିକଟବର୍ତ୍ତୀ ଏହି ସ୍ଥାନଟି ଏବେ କଜାକିସ୍ତାନର ଅନ୍ତର୍ଭୁକ୍ତ । ଚକୱାଲଠାରୁ ୪୦କିଲୋମିଟର ଦୂରରେ କଟାସନାମକ ଏକ ପାହଡ଼ ଉପରେ ଏହି ମନ୍ଦିର ରହିଛି । କୁହାଯାଏ, ଏହା ମହାଭାରତ କାଳରେ ବି ରହିଥିଲା । ପାଣ୍ଡବଙ୍କ ସହିତ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଏହି ମନ୍ଦିର କଥା ରହିଥିବା ଦେଖାଯାଏ ଅଜ୍ଞାତବାସ ବେଳେ ପାଣ୍ଡବମାନେ ଏଠାରେ ଆଶ୍ରୟ ନେଇଥିବାର କିମ୍ବଦନ୍ତୀ ରହିଛି । କଟାସରାଜ ମନ୍ଦିରରେ ଥିବା କଟାକ୍ଷ କୁଣ୍ଡ ଭଗବାନ ମହାଦେବଙ୍କ ଅଶ୍ରୁରୁ ସୃଷ୍ଟି ହୋଇଥିବା ପୁରାଣ ବର୍ଣ୍ଣିତ । ଦେବୀ ସତୀ ଦେହ ତ୍ୟାଗ କରିବା ପରେ ମହାଦେବ ଦୁଖରେ ଏତେ କାନ୍ଦିଥିଲେ ଯେ ତାଙ୍କର ଦୁଇ ଆଖିରୁ ବାହାରିଥିବା ଲୁହରେ ଦୁଇଟି କୁଣ୍ଡ ସୃଷ୍ଟି ହୋଇଥିବାର କୁହାଯାଏ । ଗୋଟିଏ ଏଠାରେ କଟାସରାଜ ମନ୍ଦିରରେ ଥିବା ବେଳେ ଅନ୍ୟଟି ରାଜସ୍ଥାନର ପୁଷ୍କରରେ ରହିଛି ।



ପଶୁପତିନାଥ ମନ୍ଦିର (କାଠମାଣ୍ଡୁ, ନେପାଳ)

ଏହା ଏଠାକାର ଅନ୍ୟତମ ପ୍ରାଚୀନ ମନ୍ଦିର । ପଶୁପତିନାଥ ଅର୍ଥ ସଂସାରର ସମସ୍ତ ଜୀବଙ୍କ ଭଗବାନ । ହିନ୍ଦୁ ଏବଂ ନେପାଳୀ ବାସ୍ତୁକଳାକୁ ପ୍ରତିଫଳିତ କରୁଥିବା ଏହି ମନ୍ଦିର ଉଇ କାରଣରୁ ଖୁବ କ୍ଷତିଗ୍ରସ୍ତ ହୋଇଥିଲା । ତେଣୁ ସପ୍ତଦଶ ଶତାବ୍ଦୀରେ ଏହାର ପୁନଃନିର୍ମାଣ କରାଗଲା । ମନ୍ଦିରର ଭଗବାନ ଶିଙ୍କର ଗୋଟିଏ ଚତୁର୍ମୁଖ ମୂର୍ତ୍ତି ରହିଛି । ଦର୍ଶନ ଲାଗି ଭିତରକୁ ଯିବା ପାଇଁ; ଚାରୋଟି ରୂପା କବାଟ ବି ଏଠାରେ ଅଛି । ଶୈବ ନାୟାନାରମାନେ ଷଷ୍ଠରୁ ନବମ ଶତାବ୍ଦୀ ମଧ୍ୟରେ । ପ୍ରତିଷ୍ଠା କରିଥିବା ୨୭୫ ପାଦଲ ପେତ୍ର ସ୍ଥଳମ ମଧ୍ୟରୁ ଏହା ଅନ୍ୟତମ । ଅନ୍ୟଗୁଡ଼ିକ ମଧ୍ୟରେ ୨୬୫ଟି ତାମିଳନାଡୁ ତଥା ୨ଟି ଲେଖାଏଁ ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଶ୍ରୀଲଙ୍କାରେ ଥିବାବେଳେ କର୍ଣ୍ଣାଟକ ଓ କେରଳରେ ଗୋଟିଏ ଲେଖାଏଁ ଏପରି ମନ୍ଦିର ରହିଛି । ଏହା ସହିତ କୈଳାସର ଥିବା ତିରୁକାୟିଲାୟମ ମଧ୍ୟ ଏହି ତାଲିକା ଅନ୍ତର୍ଭୁକ୍ତ ।

ଅରୁଲମିଗୁ ଶ୍ରୀ ରାଜା କାଲିଅମ୍ମନ ମନ୍ଦିର (ଜୋହେରବରୁ, ମାଲେସିଆ)

୧୯୨୨ ମସିହାରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା । ଏହାର ଗର୍ଭଗୃହରେ ପ୍ରାୟ ୩ଲକ୍ଷ ରୁଦ୍ରାକ୍ଷ ଲଗାଯାଇ ସାଜସଜ୍ଜା କରାଯାଇଛି । ଜୋହେର ବରୁର ସର୍ବପ୍ରାଚୀନ ମନ୍ଦିରଗୁଡ଼ିକ ମଧ୍ୟରୁ ଅନ୍ୟତମ ଏହି ମନ୍ଦିରର ଭବ୍ୟ ଗଠନଶୈଳୀ, ବିଶେଷକରି କାଚରେ କରାଯାଇଥିବା କାରୁକାର୍ଯ୍ୟ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ । କୁହାଯାଏ ଯେଉଁସ୍ଥାନରେ ଏହି ମନ୍ଦିର ରହିଛି ସେଠାକାର ଭୂମି ଜୋହେର ବରୁର ସୁଲତାନ ଭାରତୀୟମାନଙ୍କୁ ଉପହାର ଦେଇଥିଲେ । ଆରମ୍ଭରେ ମନ୍ଦିରଟି ଏକ କୁଡ଼ିଆ ପରି ଦେଖାଯାଉଥିଲା ।

ଅଫିସରେ ବସୁଥିଲେ.....

ଯଦି ଆପଣ ଅଫିସ ଡେସ୍କରେ ବସୁଛନ୍ତି ତେବେ ନିଜ ଖାଦ୍ୟପାନୀୟ ଉପରେ ଧ୍ୟାନ ଦିଅନ୍ତୁ । ଯଦି ଆପଣ ଦୀର୍ଘ ସମୟ ବସିରହିବା କାମ କରୁଛନ୍ତି ତେବେ ଏପରି ଖାଦ୍ୟ ପଦାର୍ଥକୁ ନିଜଠାରୁ ଦୂରେଇ ରଖନ୍ତୁ ଯାହା ଆପଣଙ୍କ କାର୍ଯ୍ୟକୁ ପ୍ରଭାବିତ କରିବା ସହ ଶରୀର ଉପରେ କୁ-ପ୍ରଭାବ ପକାଇଥାଏ । କାମ କରିବା ସମୟରେ ବାରମ୍ବାର କଫି ପିଇବାକୁ ଇଚ୍ଛା ହୁଏ । କଫି ପିଇବା ଦ୍ୱାରା କାର୍ଯ୍ୟରେ ଷ୍ଟ୍ରେସ୍ କମ ହୋଇ ଆପଣଙ୍କୁ ସତେଜ ଲାଗିଥାଏ । ହେଲେ ଅଧିକ ମାତ୍ରାରେ କଫି ପିଇବା ଦ୍ୱାରା ଏହା ଗ୍ୟାସ ସମସ୍ୟାକୁ ବଢ଼ାଇଥାଏ । ତେଣୁ କଫି ପିଇବା ପରିବର୍ତ୍ତେ ଗ୍ରୀନଟି ପିଅନ୍ତୁ । ପାଚନତନ୍ତ୍ର ନିମନ୍ତେ ଗ୍ରୀନ ଟି ଉତ୍ତମ ସାବ୍ୟସ୍ତ ହେବା ସହ ପଟେ ବି ଖରାପ କରାଏ ନାହିଁ ।

ତୈଳଯୁକ୍ତ ଖାଦ୍ୟ

ଅଫିସରେ ଅଧିକ ତୈଳଯୁକ୍ତ ଖାଦ୍ୟ ଖାଇବାଠାରୁ ଦୂରେଇ ରୁହନ୍ତୁ । କାରଣ ତୈଳଯୁକ୍ତ ଖାଦ୍ୟ ଖଶଇବା ଦ୍ୱାରା ପେଟ ଭାରି ଲାଗିବା ସହ ନିଦ ଆସିଥାଏ । ଛଣାଛଣି ଖାଇବା ଦ୍ୱାରା ଅସୁସ୍ଥତା ଅନୁଭବ ହୁଏ ଯାହାର ପ୍ରଭାବ ପରଫମାନ୍ସ ଉପରେ ପଡ଼େ । ଏହାବ୍ୟତୀତ ଅଫିସରେ ଜଙ୍କଫୁଡ୍‌ଠାରୁ ନିଜକୁ ଦୂରେଇ ରଖନ୍ତୁ ।

ସ୍ନାକ୍ସ ଏବଂ ଚିପ୍ସ

କାମ କରିବା ସମୟରେ ମଝିରେ ମଝିରେ ଚିପ୍ସ ଖାନ୍ତୁ ନାହିଁ । ପ୍ୟାକେଟ୍ ବନ୍ଦ ଚିପ୍ସ ଏବଂ ସ୍ନାକ୍ସକୁ ବର୍ଜନ କରନ୍ତୁ । ଚିପ୍ସ ଅଧିକ ଖାଇବା ଦ୍ୱାରା କାର୍ଯ୍ୟ ସମୟରେ ଅଧିକ ଶୋଷ ଲାଗିବା ସହ ଡିହାଇଡ୍ରେଶନ ସ୍ତର ବଢ଼ିଯାଏ । ପ୍ୟାକେଟ ବନ୍ଦ ଚିପ୍ସ ବଦଳରେ କାଜୁ, ବାଦାମ, ବୁଟ ବି ଖାଇପାରିବେ ।

ଆମିଷ ଖାଦ୍ୟ

ଅଫିସରେ ଅଧିକ ମାତ୍ରାରେ ଆମିଷ ଖାଦ୍ୟ ଖାଉଥିଲେ ଏହାର ମାତ୍ରାକୁ କମ କରିଦିଅନ୍ତୁ । ଆମିଷ ଖାଇବା ପରେ ଅଫିସରେ ଆପଣଙ୍କୁ ଅଳଶୁଆ ଲାଗିପାରେ ଏବଂ କାମ ଉପରେ ଏହା ପ୍ରଭାବ ପକାଇଥାଏ ।

ଘରେ ଥରେ ପ୍ରସ୍ତୁତ କରନ୍ତୁ ଭେଣ୍ଡି ଦୋ ପିଆଜା

ଆବଶ୍ୟକ ସାମଗ୍ରୀ: ଭେଣ୍ଡି, ପିଆଜ, ରସୁଣ ଅଦା, କଞ୍ଚା ଲଙ୍କା, ଟମାଟୋ, ଲୁଣ, ହଳଦି, ଧନିଆ ଗୁଣ୍ଡ, ଧନିଆ ପାଉଡ଼ର, ଚିଲି ଫ୍ଲେକ୍ସ, ରିଫାଇନ୍ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଭେଣ୍ଡିକୁ ଧୋଇ ଏହାକୁ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ଏହାପରେ ଏକ ପିଆଜକୁ ସ୍ଲାଇସ୍ କରି ଓ ଅନ୍ୟ ଏକ ପିଆଜକୁ ବଡ଼ ବଡ଼ ଖଣ୍ଡ କରି କାଟି ଦିଅନ୍ତୁ।

ଏହାପରେ ପ୍ୟାନ୍‌ରେ ତେଲ ଗରମ କରି କିଛି ଜିରା ପକାନ୍ତୁ। ଜିରା ଫୁଟିଲେ ସେଥିରେ ରସୁଣ ଓ ଅଦା କଟା ପକାନ୍ତୁ। ଏହାପରେ ସ୍ଲାଇସ୍ କଟା ଯାଇଥିବା ପିଆଜକୁ ପକାଇ ଗୋଳାନ୍ତୁ। ଏହା ହାଲକା ଫ୍ରାଏ ହେବା ପରେ ସେଥିରେ କିଛି ଚିଲି ଫ୍ଲେକ୍ସ ପକାଇ କିଛି ସମୟ ଭାଜନ୍ତୁ। ଏହାପରେ ସେଥିରେ ଟମାଟୋ କାଟି ପକାନ୍ତୁ। କିଛି ସମୟ ପରେ କଟା କଞ୍ଚା ଲଙ୍କା, ଲୁଣ, ହଳଦି, ଧନିଆ ପାଉଡ଼ର ପକାଇ ଗୋଳାନ୍ତୁ।

ଅନ୍ୟ ଏକ ପ୍ୟାନ୍‌ରେ ତେଲ ପକାଇ ବଡ଼ ବଡ଼ କାଟିଥିବା ପିଆଜକୁ ଫ୍ରାଏ କରି ଦିଅନ୍ତୁ। ଏହାପରେ ସେଥିରେ ଭେଣ୍ଡି ପକାଇ ହାଲକା ଫ୍ରାଏ କରି ଦିଅନ୍ତୁ।

ଏହାକୁ ନେଇ ମସଲା ଥିବା ପ୍ୟାନ୍‌ରେ ଭେଣ୍ଡିକୁ ପକାଇ ତାହାକୁ ଭଲ ଭାବେ ଗୋଳାନ୍ତୁ। ଏଥିରେ ଘୋଡ଼ଣୀ ଘୋଡ଼ାନ୍ତୁ ନାହିଁ। କିଛି ସମୟ ପରେ ଭେଣ୍ଡି ଭଲ ଭାବେ ଭାଜି ହେବା ପରେ ତାହାକୁ ବାହାର କରି ଗରମାଗରମ ପରଷନ୍ତୁ।

ବର୍ଷାଦିନରେ ଚିକନଗୁନିଆର ଭୟ

ଚିକନଗୁନିଆ ମାଦା ଏଡିଜ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ । ଏହି ମଶା ଦିନରେ ଅଧିକ କାମୁଡ଼ନ୍ତି । ମଶାଙ୍କର ଲାଳରେ ଥିବା ଚିକନଗୁନିଆ ଜୀବାଣୁ ଶରୀରରେ ପହଂଚି ରୋଗର କାରଣ ହୋଇଥାନ୍ତି । ଏହି ରୋଗର ଅଧିକ ଦୁଷ୍ପ୍ରଭାବ ଲିଭର ଉପରେ ପଡ଼ିଥାଏ । ଯାହା ଦ୍ୱାରା ଲିଭରରେ ପିତ୍ତ ରସ ତିଆରି ହେବା ବନ୍ଦ ହୋଇଯାଏ । ଏହା ପାଚନ କ୍ରିୟାରେ ହେଉଥିବା ବିକାରକୁ ଦୂର କରିଥାଏ ।

ଲକ୍ଷଣ: ଗଣ୍ଠି ସ୍ଥାନରେ ଅଧିକ ବ୍ୟଥା, ଜ୍ୱର, ଦୁର୍ବଳତା, ଶରୀର ଫୁଲିବା, କୁଣ୍ଡେଇ ହେବା, ପରିସ୍ରାନ ଲାଗିବା, ବିଚଳିତ ଅନୁଭବ କରିବା, ଥଣ୍ଡା କାଶ ହେବା ଓ

ଖାଇବାରେ ସ୍ୱାଦ ନଲାଗିବା ଭଳି ସମସ୍ୟା ଦେଖାଦେଇଥାଏ । ଏହି ରୋଗ ବର୍ଷା ଦିନରେ ଆରମ୍ଭ ହୁଏ । ଏଥିରୁ ରକ୍ଷା ପାଇବା ପାଇଁ ଜୁଲାଇ ମାସର ପ୍ରାରମ୍ଭରେ ଫଳାତ୍ରିକାଦୀକସାୟର କାଢ଼ା ତିନି ଦିନ ପର୍ଯ୍ୟନ୍ତ ସକାଳେ ସଂଧ୍ୟାରେ ପିଅନ୍ତୁ । ଏଥିରେ ହରିଡ଼ା, ବାହାଡ଼ା, ଅଁଳା, ଚିରାୟତା, ବାସାପତ୍ର, ନିମପତ୍ର, କୁଟକୀ ଓ ଗିଲୋୟ ମିଶିଥାଏ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇ ଚିକନଗୁନିଆ, ଡେଙ୍ଗୁ, ମ୍ୟାଲେରିଆ ସହିତ ସୁଗାର ଓ କାମଳ ରୋଗୀମାନଙ୍କୁ ମଧ୍ୟ ଲାଭ ଦେଇଥାଏ । ଶରୀରର ଇମ୍ୟୁନିଟି ବଢ଼ାଇବା ପାଇଁ ୩-୪ ତୁଳସୀ ପତ୍ର, ଗିଲୋୟ ରସ ଓ ଗିଲୋୟ ଧନବଟୀ ପିଅନ୍ତୁ ଓ ଖାଆନ୍ତୁ ।

କାଢ଼ା ତିଆରି କରିବାର ପଦ୍ଧତି:

ହରିଡ଼ା, ବାହାଡ଼, ଅଁଳା, କୁଟକୀ, ଚିରାୟତା, ବାସାପତ୍ର, ନିମପତ୍ର ଓ ଗିଲୋୟକୁ ସମାନମାତ୍ରାରେ ନେଇ ତାକୁ ଚୂର୍ଣ୍ଣ କରି ରଖନ୍ତୁ । ପ୍ରତ୍ୟେକ ଦିନ ୧୦ ଗ୍ରାମ ଚୂର୍ଣ୍ଣକୁ ନେଇ ଏକ ଗ୍ଲାସ ପାଣିରେ ଫୁଟାନ୍ତୁ । ପାଣି ଫୁଟି ୪ ଭାଗରୁ ଏକ ଭାଗ ହୋଇଗଲା ପରେ ଅଳ୍ପ ଗରମ ଥିବା ଅବସ୍ଥାରେ ପିଅନ୍ତୁ ।

ଡାଇବେଟିସରୁ ମୁକ୍ତି ପାଆନ୍ତୁ

ଏବେ ପ୍ରାୟତଃ ଅଧିକାଂଶ ଲୋକଙ୍କଠାରେ ଡାଇବେଟିସ ଦେଖାଦେଉଛି । ଏହା ସାଧାରଣ ରୋଗ ହୋଇଥିଲେ ବି ଏହାଦ୍ୱାରା ବ୍ୟକ୍ତିର ଜୀବନ ମଧ୍ୟ ଚାଲିଯାଏ । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି, ଏବେ ଟାଇପ୍-୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି । ଗବେଷକଙ୍କ କହିବାନୁସାରେ ଶର୍କରା ସ୍ତର ସାଧାରଣ ଥିଲେ ମଧ୍ୟ ଜଣେ ବ୍ୟକ୍ତିକୁ ଟାଇପ-୨ ଡାଇବେଟିସ ହୋଇଥାଏ । ଏଥିପାଇଁ ଡାଇବେଟିସ ବିଶେଷଜ୍ଞମାନେ କହନ୍ତି ବୟସ ହେବା ପରେ ଡାଇବେଟିସ ପାଇଁ ସଚେତନ ହେବା ଅପେକ୍ଷା ବୟସ ପୂର୍ବରୁ ସଚେତନ ହେଲେ ବହୁତ ଭଲ ।

ଚନ୍ଦନ ତେଲ ଓ ପାଉଡରର ୫ଟି ଲାଭ

ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଚନ୍ଦନ ବହୁତ ଭଲ । ଚନ୍ଦନ ପାଉଡର ଓ ତେଲରେ ୧୨୫ ପ୍ରକାର ତତ୍ତ୍ୱ ରହିଛି, ଯାହା ତ୍ୱଚାକୁ ସୁନ୍ଦର କରିବା ପାଇଁ ସାହାଯ୍ୟ କରିଥା'ନ୍ତି । ତେଣୁ ସମସ୍ତ ପ୍ରକାର ବିୟୁଟି ପ୍ରଡକ୍ଟରେ ଚନ୍ଦନକୁ ଉପଯୋଗ କରାଯାଇଥାଏ । ତେବେ ଆସନ୍ତୁ ଜାଣିବା ଚନ୍ଦନ ତେଲ ଓ ପାଉଡର ବ୍ୟବହାର କଲେ, କେଉଁସବୁ ଲାଭ ମିଳିଥାଏ ।

୧. ଚନ୍ଦନ ପ୍ରାକୃତିକ ଭାବରେ ଥଣ୍ଡା ପ୍ରଦାନ କରିଥାଏ । ତେଣୁ ଏହାର ଲେପ ମୁହଁରେ ଲଗାଇଲେ, ତ୍ୱଚାରେ ହେଉଥିବା ଜଳାପୋଡ଼ା ଭଲ ହୋଇଥାଏ । ଏହାର ବାସ୍ନାରେ ମାନସିକ ଶାନ୍ତି ମିଳିଥାଏ ।

୨. ଯେଉଁମାନେ କଥା କଥାରେ ରାଗି ଯାଇଥା'ନ୍ତି, ସେମାନଙ୍କୁ ଚନ୍ଦନ ଟିକା ଲଗାଇବା ପାଇଁ ପରାମର୍ଶ ଦିଆଯାଇଥାଏ । କାରଣ ଆମ ଶରୀରରେ ଥିବା ୭ଟି ଚକ୍ର ମଧ୍ୟରୁ ଗୋଟିଏ ଶକ୍ତିଶାଳୀ ଚକ୍ର ଦୁଇ ଆଇବ୍ରୋ ମଝିରେ ରହିଛି । ତେଣୁ ସେହି ସ୍ଥାନରେ ଚନ୍ଦନ ଲଗାଇଲେ ମନ ଓ ମସ୍ତିଷ୍କ ଶାନ୍ତ ରହିଥାଏ ।

୩. ଆଖିର ଆଖପାଖ ତ୍ୱଚାକୁ ସୁନ୍ଦର କରିବା ପାଇଁ ଏହାର ଚାରିରଟେ ଚନ୍ଦନ ଓ ମହୁର ଲେପ ଲଗାନ୍ତୁ ।

୪. ଡ୍ରାଏନେସ୍ ଯୋଗୁ ତ୍ୱଚାରେ କୁଞ୍ଚନ ପଡ଼ିବା ସହ ତ୍ୱଚା ଢ଼ିଲା ହୋଇଯାଏ । ଚନ୍ଦନ ଡ୍ୟାମେଜ୍ ସେଲକୁ ରିପାୟାର କରିବାର କାର୍ଯ୍ୟ କରିଥାଏ । ଏହାର ବାସ୍ନା ବ୍ରେନ୍ ସେଲ୍‌କୁ ରିଲାକ୍ସ କରିଥାଏ ।

୫. ଚନ୍ଦନ ପାଉଡରରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ରହିଛି । ତେଣୁ ଏହାକୁ ଲଗାଇବା ଦ୍ୱାରା ସ୍କିନ୍ ?ରେ ବ୍ୟାକ୍ଟେରିଆ ସକ୍ରିୟ ହୁଅନ୍ତି ନାହିଁ । ଏହି ପାଉଡର ମୁହଁର ତ୍ୱଚାକୁ ଅଏଲ ଫ୍ରି ମଧ୍ୟ ରଖୁଥିବାରୁ ବ୍ରଣ ସମସ୍ୟା ଦେଖା ଦିଏନାହିଁ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସଂଘାତିକ ଅବସ୍ଥାରେ ଅର୍ଥନୀତି...

ତମାମ ବିଶ୍ୱବାସୀଙ୍କୁ ଥରହର କରିଦେଇଥିବା କରୋନା ମହାମାରୀର ମୁକାବିଲା ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରହିଛି । ୨୧୫ରୁ ଅଧିକ ଦେଶ ଏବେ ମହାମାରୀର ସଂକ୍ରମଣ ଭିତରେ ଛଟପଟ ହୋଇସାରିଲେଣି । କେବେ ଦ୍ୱିତୀୟ ଲହରରୁ ମୁକ୍ତି ମିଳିବ, ସେ ନେଇ କାହାରି ପାଖରେ ଯେମିତି ଜବାବ ନାହିଁ । ପ୍ରତିଷେଧନ ଟିକାର ବିକାଶ ଓ ପ୍ରୟୋଗ ଏକମାତ୍ର ରାସ୍ତା ବୋଲି କୁହାଯାଉଥିବା ସମୟରେ ଆସନ୍ନ ଲଡରର ଭୟାବହତା ସମସ୍ତଙ୍କୁ ଥରାଇ ରଖିଛି । କିଏ ବ୍ଲାକ୍, ରେଡ୍ ଓ ହ୍ୱାଇଟ୍ ଫଙ୍ଗସ୍ ନେଇ କିଭଳି ତଥ୍ୟ ଦେଉଛନ୍ତି ତ' ଆଉ କିଏ ସଂକ୍ରମଣ ଓ ମୃତ୍ୟୁହାରରେ ନିମ୍ନଗତିର ଦୃଷ୍ଟାନ୍ତ ଦେଇ ସନ୍ତୁଷ୍ଟି ବାର୍ତ୍ତା ଦେଇଚାଲିଛନ୍ତି । ମାତ୍ର ଏମିତି ଚାଲୁ ରହିଲେ ମାସ୍କ ପରିଧାନ ସହିତ ପରିଚ୍ଛନ୍ନତା ଓ ବ୍ୟବଧାନ ଭଳି ଉପଚାର ହୁଏତ ଯୁଗ ଯୁଗକୁ ରହିଥିବ ବୋଲି ଆଶଙ୍କା କରାଯାଉଛି । ଯେଉଁ କେତେକ ଦେଶରେ ସ୍ଥିତିରେ ସାମାନ୍ୟ ଉନ୍ନତିର ଆଭାସ ମିଳୁଛି, ସେଠାରେ ମାସ୍କ ପରିହାର କରିବାକୁ ପ୍ରଶାସନ ପରାମର୍ଶ ଦେଇ ଏବେ ହରଡ଼ଘଣାରେ ପଡ଼ିଗଲା ଭଳି ହୋଇଛନ୍ତି । ଗୋଟିକ ପରେ ଗୋଟିଏ ଲହର ମାଡ଼ି ଆସୁଥିବାରୁ କେବଳ ଟିକାର ପ୍ରୟୋଗ ହେତୁ ସେହି ଦେଶର ପ୍ରଶାସନ ହୁଏତ କରୋନାକୁ ଆଉ ଡରିବାର ନାହିଁ । ଏପରି ସ୍ଥଳେ ଦୁଇ ଦୁଇ ଡୋଜ୍ ଟିକା ନେବାପରେ ପୁଣି କରୋନା ସଂକ୍ରମଣ ହେଉଥିବାର ଉଦାହରଣରୁ ସେମାନଙ୍କର ଶିକ୍ଷା ନେବା ଦରକାର । ସମସ୍ତଙ୍କ ପାଇଁ ଏବେ ଏକମାତ୍ର ମନ୍ତ୍ର ହେଉଛି ଟିକା ନେବା ପରେ ସୁଦ୍ଧା ମୁଖା ପରିଧାନ, ସାମାଜିକ ଦୂରତା ରକ୍ଷା ଓ ହସ୍ତ ପ୍ରକ୍ଷାଳନ ଭଳି କୋଭିଡ୍-ଆପ୍ରୋପ୍ରିଏଟ୍ ବିହେଭିୟର୍ ଆପଣାଇବା ନୀତି କେବେ ଛାଡ଼ିବାକୁ ହେବନାହିଁ । ଦେଢ଼ବର୍ଷ ହେଲା ବିଭିନ୍ନ ଅବତାରରେ ଉଭା ହେଉଥିବା କରୋନା ଏତେଶୀଘ୍ର ଛାଡ଼ି ଚାଲିଯିବ, ତାହା ବିଶ୍ୱାସ କରିହେଉ ନାହିଁ । ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଫଳରେ ମାନବ ଜାତିର ଯେତିକି କ୍ଷତି ହୋଇଥିଲା, ତାହାକୁ ଦୁଇଟି ଲହର କରୋନା ଜନିତ କ୍ଷତି ଟପିସାରିଲାଣି । ଏବେ ଅର୍ଥନୀତି ପୂରା ମାତ୍ରାରେ ବିପର୍ଯ୍ୟସ୍ତ ହୋଇସାରିଲାଣି । କି' ଧନୀ କି' ଗରିବ, ସବୁ ଦେଶରେ ଏବେ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି । ନିର୍ମାଣ ଶିଳ୍ପ ଠପ୍ ହୋଇସାରିଛି, ଅଧିକାଂଶ ଦେଶର ଅଭିବୃଦ୍ଧି ହାର ରସାତଳଗାମୀ ହୋଇଗଲାଣି । ସଂଗଠିତ କ୍ଷେତ୍ରର କର୍ମଜୀବୀମାନଙ୍କୁ ଛଟେଇ କରାଯାଉଥିବା ବେଳେ ଅସଂଗଠିତ କ୍ଷେତ୍ରରେ ଶ୍ରମିକ-କର୍ମଚାରୀ ମୁଣ୍ଡରେ ହାତଦେଇ ବସିଛନ୍ତି । ପ୍ୟାକେଜ୍ ପରେ ପ୍ୟାକେଜ୍ ଘୋଷଣା କରାଯାଉଛି ସତ, ହିତାଧିକାରୀମାନଙ୍କ ପାଖରେ ତାହା ପହଞ୍ଚିବା ନେଇ ମଧ୍ୟସ୍ଥ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକ କେଉଁଭଳି ଭୂମିକା ତୁଲାଉଛନ୍ତି, ତାହା ଉଣାଅଧିକେ ସମସ୍ତେ ଅଙ୍ଗେ ନିଭାଉଛନ୍ତି । ଏହି ସ୍ଥିତିରେ ଅର୍ଥନୀତିର ବୋଝ ବଢ଼ାଇ ଦେଇଛି ଋଣଭାର । ପାରିବାରିକ ଋଣ-ଜିଡିପି ଅନୁପାତରେ ଯେଉଁଭଳି ଅନୁପାତ ବଢ଼ି ଚାଲିଛି, ତାହା ସୂଚିତ କରୁଛି କି ଏତେଶୀଘ୍ର ତାହା ଉଣା ହେବାର ଆଦୌ ସମ୍ଭାବନା ନାହିଁ । ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ, ୨୦୨୦-୨୧ରେ ପାରିବାରିକ ଋଣ ଜିଡିପି ଅନୁପାତ ୩୭.୩% ବୃଦ୍ଧି ପାଇଛି । ଆଗକୁ ସ୍ଥିତି ବିଗିଡ଼ିବାକୁ ବେଶ ସମୟ ଲାଗିବନି । ଯେଉଁ ବ୍ୟବଧାନ ୨୦୧୯-୨୦ରେ ୩୨.୫% ଥିଲା, ତାହା କରୋନା ସଂକ୍ରମଣ ସମେତ ବିଭିନ୍ନ କାରଣରୁ ଅଧିକ ହୋଇ ଚାଲିଛି । ଖାଇବା ତେଲଠାରୁ ଆରମ୍ଭ କରି ପେଟ୍ରୋଲ-ଡିଜେଲ ଓ ଗ୍ୟାସ୍‌ର ଦରବୃଦ୍ଧି ଏଭଳି ବିକୃତ ସ୍ଥିତିର ଗୋଟିଏ ଗୋଟିଏ ଉପସର୍ଗ । ବ୍ୟକ୍ତି ଓ ପରିବାର କିଭଳି ସଙ୍କଟଜନକ ସ୍ଥିତିର ମୁକାବିଲା କରିପାରିବେ ତାହା ଚିନ୍ତା ବଢ଼ାଇ ଦେଇଛି । ଏହା ପରେ ରାଷ୍ଟ୍ରୀୟ ଜିଡିପି ଦ୍ରୁତଗତିରେ ଯେମିତି ନିମ୍ନଗାମୀ ହେଉଛି, ହୋଇପାରେ ତାହାର ଭରଣା ପାଇଁ ଦଶନ୍ଧିରୁ ଅଧିକ ସମୟ ଲାଗିଯିବା ବିଚିତ୍ର ନୁହେଁ । ତାହାରି ଭିତରେ ସାମାଜିକ ତଥା ଆର୍ଥିକ ସନ୍ତୁଳନ ରକ୍ଷାପାଇଁ କେତେ ବଡ଼ ତ୍ୟାଗ ବରଣ କରିବାକୁ ପଡ଼ିବ, ତାହା ଆପାତତଃ କଳନା କରିବା ସମ୍ଭବ ହେଉନାହିଁ । କରୋନା କାଳରେ ନିଯୁକ୍ତି ହରାଇଥିବା ଯୁବକ-ଯୁବତୀଙ୍କ ଅବସ୍ଥା ସମ୍ପର୍କରେ ବେଶୀକିଛି କୁହାଯାଇନପାରେ । ପ୍ରଥମ ଲହରରେ ପ୍ରବାସୀମାନଙ୍କର ସୁଅ ଛୁଟିବା ସମସ୍ତେ ଦେଖିଛନ୍ତି । ଲକ୍‌ଡାଉନ୍-ସଟ୍‌ଡାଉନ୍ ଭଳି ସଂକ୍ରମଣରୋଧ ପାଇଁ ଉଦ୍ଦିଷ୍ଟ ଉପାୟ ଛୋଟ ବେପାରୀଙ୍କର ଜୀବନକୁ ଦୁର୍ବିସହ କରିପକାଇଥିଲା । ଅଣ୍ଟା ସଳଖି ଛିଡ଼ା ହେବାପାଇଁ ଉଦ୍ୟମ କଲାବେଳକୁ ଆସିଗଲା ଦ୍ୱିତୀୟ ଲହର । ଏବେ ହୋଟେଲ, ପର୍ଯ୍ୟଟନ ଶିଳ୍ପଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସ୍ଥାରେ ହାହାକାର ପଡ଼ିଯାଇଛି । ପର୍ଯ୍ୟଟକମାନଙ୍କ ଉପରେ ନିର୍ଭରଶୀଳ ବଡ଼ ହୋଟେଲ ଚେନ୍‌ରେ ତାଲା ପଡ଼ିଗଲାଣି । ସ୍ୱଳ୍ପ ଆୟକାରୀ କର୍ମଚାରୀଙ୍କ ଭିତରେ ଉପାର୍ଜନ ନଥିବାରୁ ଭାଳେଣି ପଡ଼ିଛି । ପିଲାକବିଲାଙ୍କୁ ବଞ୍ଚାଇବାରେ ଅସମର୍ଥ ପରିବାରଙ୍କ ଭିତରୁ କେତେକ ଆତ୍ମହତ୍ୟାର ରାସ୍ତା ବାଛିନେଲେଣି । ଏହି ପୃଷ୍ଠଭୂମିରେ ଆଗକୁ ଥିବା ମହାସଙ୍କଟର ସମ୍ମୁଖୀନ ହେବାପାଇଁ କ'ଣ କରାଯାଇପାରିବ ତାହା ଘୋର ଚିନ୍ତାର ବିଷୟ ହୋଇଛି ।

ଡକ୍ଟର ମନୋରଞ୍ଜନ ବିଷୋୟୀ

ଅନ୍ୱେଷାର ପର୍ବ

ପରମ୍ପରାର ପୃଥିବୀରେ ବଞ୍ଚିଥିବା ମଣିଷ ଆଜିର ମଣିଷ ଠାରୁ ବହୁ ଭାବହରେ ଭିନ୍ନ । ଅତୀତର ମଣିଷ ଥିଲା ଏକ ସରଳ ଉପତ୍ୟକାର ଅଧିବାସୀ । ସାମୂହିକତା ସୂତ୍ରରେ ଆବଦ୍ଧ ଏହି ମଣିଷ ପାଇଁ ସୌଭାଗ୍ୟ ଥିଲା ସାମୂହିକ । କୃଷିଭିତ୍ତିକ ସଭ୍ୟତାରେ ବିଶ୍ୱାସୀ ପ୍ରାଚୀନ ମଣିଷ ପାଇଁ ଜୀବନ ଥିଲା ବିକାଶର ଏକ ସୋପାନ । ପ୍ରାରବ୍ଧ କର୍ମରେ ବିଶ୍ୱାସ କରୁଥିବା ମଣିଷ ଜନ୍ମମୃତ୍ୟୁର ସୀମିତ ପରିବେଶ ମଧ୍ୟରେ ଜୀବନକୁ ଅବସ୍ଥାପିତ କରିନଥିଲା । ପ୍ରାଚୀନ ମଣିଷ ପାଇଁ ମୃତ୍ୟୁ ଥିଲା ଏକ ନୂତନ ଜୀବନର ପ୍ରସ୍ତୁତି କ୍ଷେତ୍ର । ଆଧୁନିକ ମଣିଷ କିନ୍ତୁ ଏହି ଚେତନା ଠାରୁ ବହୁ ଭାବରେ ଭିନ୍ନ । ସମୟର ଧାରାରେ ଆଜି ପୃଥିବୀ ବହୁଭାବରେ ପରିବର୍ତ୍ତିତ । ବ୍ୟକ୍ତି ଆପଣାର ଜ୍ଞାନ ବଳରେ ବହୁ ଅସାଧ୍ୟ ସାଧନ କରିବା ସହିତ ସମଗ୍ର ବିଶ୍ୱକୁ ଅନୁଧ୍ୟାନ କରିବାର ଶକ୍ତି ସଂଗ୍ରହ କରିପାରିଛି । ପରମ୍ପରାର ରୂପଚିତ୍ର ବଦଳିଛି ଏବଂ ବଦଳିଛି ମଧ୍ୟ ଜୀବନକୁ ବୁଝିବାର ଦୃଷ୍ଟିଭଙ୍ଗୀ । ଦିନେ ଦେବଶିଶୁ ଭାବେ ସୃଷ୍ଟିର ଶ୍ରେଷ୍ଠତ୍ୱ ଦାବି କରୁଥିବା ମଣିଷ; ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ତତ୍ତ୍ୱବଳରେ ମର୍କଟର ବଂଶଧରରେ ରୂପାନ୍ତରିତ ହୋଇଛି । ମାର୍କସ୍‌ଙ୍କ ସମାଜବାଦ, ଫ୍ରଏଡ୍‌ଙ୍କ ଯୌନତତ୍ତ୍ୱ, ଆଇନ୍‌ଷ୍ଟାଇନ୍‌ଙ୍କ ଆଣବିକ ତତ୍ତ୍ୱ- ଯୁଗ ଓ ଜାତିର ଚେତନାରେ ତୋଳିଛି ଅଭୂତପୂର୍ବ ପରିବର୍ତ୍ତନ । ନବ୍ୟ ଇତିହାସକରଣ ଅତୀତକୁ ଏକ ନୂଆ ଆଖି ନେଇ ଦେଖିବାର ଖୋରାକ୍ ଯୋଗାଇଛି । ଏକଦା ଚିହ୍ନା ଅଚିହ୍ନା ଉପତ୍ୟକାର ସମାହାର ଭାବରେ ପରିକଳ୍ପିତ ବିଶ୍ୱ ଆଜି କ୍ରମଶଃ ସଂକୁଚିତ ହୋଇପଡ଼ିଛି । ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ପ୍ରଯୁକ୍ତି ବିଦ୍ୟା ଦ୍ୱାରା ମୁହୂର୍ତ୍ତକରେ ଆମ ବିଚାରଧାରାକୁ ପ୍ରଭାବିତ କରୁଛି । ମୁକ୍ତ ଅର୍ଥନୀତି ଏବଂ ଜଗତୀକରଣର ରାହୁଗ୍ରାସରେ ଆଜିର ଜୀବନ ସମ୍ପୂର୍ଣ୍ଣଭାବେ କବଳିତ ହୋଇପଡ଼ିଛି । ଏହାସହ ସହର ଭିତ୍ତିକ ଦ୍ରୁତ ଶିଳ୍ପାୟନ ଭାରତୀୟ ଜନଜୀବନକୁ କରିଛି ବିପର୍ଯ୍ୟସ୍ତ । ଭିଟାମାଟିର ମୋହକୁ ପରିତ୍ୟାଗ କରି ଜୀବିକା ଅନ୍ୱେଷଣରେ ସହରାଭିମୁଖୀ ହେଇଥିବା ବିପୁଳ ଜନତାଙ୍କ ଅଶ୍ରୁଳ ଇତିହାସ ଆଜି ସମଗ୍ର ଭାରତବର୍ଷକୁ ସ୍ତବନ୍ଧ ଓ ଚକିତ କରିଦେଇଛି ।

ଏ ପରିପ୍ରେକ୍ଷୀରେ କହିରଖେ ସାଂପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗରେ ପରମ୍ପରାର ପୃଥିବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ; ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଅହରହ ଉଜକିତ କରିଆସିଛି । ଗୋଟିଏ ଦିଗରେ ପାରମ୍ପରିକ ମୂଲ୍ୟବୋଧ, ନୀତି, ଆଦର୍ଶ; ଅନ୍ୟ ଦିଗରେ ବଞ୍ଚିବାର ସରଳତମ ସୂତ୍ର ଖୋଜୁ ଖୋଜୁ ବ୍ୟକ୍ତି ହୋଇଉଠିଛି ଉଦ୍‌ଭ୍ରାନ୍ତ । ସବୁ ବଦଳିବା ଭିତରେ କିନ୍ତୁ ମଣିଷର ଅନ୍ୱେଷା ତଥାପି କୌଣସି ସ୍ଥିର ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇପାରିନାହିଁ । ଖୋଜିବାର ଅନ୍ତଃହୀନ ଯାତ୍ରା ଭିତରେ ଅତୀତର ମଣିଷ ଯେପରି ପୂର୍ଣ୍ଣତା ଲାଭ କରିପାରି ନଥିଲା; ଠିକ୍ ସେହିପରି ସାମ୍ପ୍ରତିକ ସମୟର ମଣିଷ ମଧ୍ୟ ଖୋଜି ଖୋଜି ନୟାନ୍ତ ହୋଇପଡ଼ିଛି ସମୟର ଅଣନିଃଶ୍ୱାସୀ ଜୀବନଯାତ୍ରାରେ । ମଣିଷ ଆଗରେ ଏକ ସରଳତମ ଉତ୍ତରଟିଏ ଦେବାକୁ ଯାଇ ଦିନେ ଭାରତୀୟ ଦର୍ଶନ କହିଥିଲା- 'ସ୍ୱଜହଂ' । ଏପରିକି ଭାଗବତକାର ମଧ୍ୟ ବୁଝାଇ ଦେଇଥିଲେ ମନର ଏକ ତତ୍ତ୍ୱ । କିନ୍ତୁ ନା' ସରିଲା ଅନ୍ୱେଷାର ଏ ପର୍ବ; ନା' ମଣିଷ ପାଇଥିଲା ପୂର୍ଣ୍ଣତାର ଶେଷକଥା । ଯୁଗ ଯୁଗ ଧରି ଏହାର ଅନୁରଣନ ସତେ ଯେମିତି କାଳକୁ ପରାହତ କରି ଏ ଯାବତ୍ ଗଡ଼ି ଆସିଅଛି ।

+ ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ସଂପର୍କ: ୮୮୯୫୧୪୧୭୨୭

ଡ଼ି ଶୁଭମ୍

ଲକଡ଼ାଉନ ଗୋଇଛି , ସଂକ୍ରମଣ ଚେଇଁଛି

ଗତବର୍ଷ ନିଜର କାୟା ବିସ୍ତାର କରି ଏକରକମର ସମସ୍ତଙ୍କୁ ଘରେ ବନ୍ଦ କରିଦେଇଥିଲା କରୋନା। ଆଉ ଏବେ ପୁଣି ଦ୍ୱିତୀୟ ଲହରୀର ପ୍ରକୋପ। ଘରୁ ପାଦ କାଢ଼ିବା ଆଜି ଅସମ୍ଭବ ହୋଇପଡ଼ିଛି। ମୃତ୍ୟୁର ମାୟାଜାଲ ରଚନା କରିଛି କରୋନା। ଏମିତି ଏକ ଆଶଙ୍କା ଓ ଭୟାବହତା ମଧ୍ୟରେ କବଳିତ ହୋଇରହିଛନ୍ତି ବିଶ୍ୱବାସୀ। ଏହାରି ଭିତରୁ ଓଡ଼ିଶା ମଧ୍ୟ ବାଦ ପଡ଼ି ନାହିଁ। ଏଇ ପରିପ୍ରେକ୍ଷୀରେ ସରକାର କରୋନାକୁ ପ୍ରତିହତ କରିବା ପାଇଁ ଅବିରତ ସଂଗ୍ରାମ ଜାରି ରଖିଥିବାବେଳେ ଲୋକମାନଙ୍କୁ ସଚେତନ କରିବା ପାଇଁ ଅନେକ ନିର୍ଦ୍ଦେଶ ଦେଉଛନ୍ତି। ଘର ଭିତରେ ସୁରକ୍ଷିତ ଭାବେ ରହିବା ପାଇଁ ପରାମର୍ଶ ଦେବା ସହ ଅତ୍ୟାବଶ୍ୟକ କାର୍ଯ୍ୟ ନହେଲେ ଘରୁ ନ ବାହାରିବାକୁ ଗାଇଡ଼ଲାଇନ ମଧ୍ୟ ଦେଇଛନ୍ତି। ସାରା ଦେଶ ଏବେ ଲକଡ଼ାଉନ ସମୟ ଦେଇ ଗତି କରୁଥିବା ବେଳେ ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାର ଦେଖି ଲୋକଙ୍କ ମନରେ ସଂଶୟ ଜାତ ହେବା ସ୍ୱାଭାବିକ। ତେବେ ସେସବୁକୁ ନଡ଼ରି, ଆତଙ୍କିତ ନହୋଇ ଆମେ ନିଜେ ସଜାଗ ଓ ସଚେତନ ରହିଲେ ଏହାର ମୁକାବିଲା କରିପାରିବା। ସମୟର ସାରାଂଶରେ ଏହା ଏବେ ସମାଜ ପାଇଁ ସାଜିଛି ଏକ ପ୍ରମୁଖ ଶୀର୍ଷକ। ଏବର ପରିସ୍ଥିତିକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଭାବେ ଅନୁମେୟ ଯେ କରୋନାକୁ ନେଇ କେବଳ ଦେଶ କାହିଁକି ସାରା ବିଶ୍ୱ ଏବେ ଆତଙ୍କର ପରିସୀମା ଭିତରେ ଦିନ କାଟୁଛି। ତେବେ କରୋନାକୁ ପ୍ରତିହତ କରିବା ପାଇଁ ସରକାର ଲକଡ଼ାଉନ, ସଟଡ଼ାଉନ ପରି ପନ୍ଥା ବି ଆପଣେଇଛନ୍ତି। ଗୋଟିଏ ପଟେ ସରକାର କରୋନାକୁ ମାତ୍ ଦେବାକୁ ଚେଷ୍ଟା କରୁଥିବା ବେଳେ ଆଉ ଗୋଟେ ପଟେ ଅମାନିଆଙ୍କ କାର୍ଯ୍ୟକଳାପ ସଂକ୍ରମଣକୁ ବଢ଼ାଇଚାଲିଛି ।

କରୋନା ଭାଇରସ ବା ଭୂତାଣୁ ଏକ ବହୁତ ବଡ଼ ଭୂତାଣୁର ଗ୍ରୁପ୍ ବା ଅଂଶବିଶେଷ। କରୋନା ଭାଇରସ ଯହା ଏବେ ସାରା ବିଶ୍ୱରେ କୋଭିଡ଼ ୧୯ ଭାବେ ଜଣାଶୁଣା। ଏହା ସାମାନ୍ୟ ଥଣ୍ଡାରୁ ଆରମ୍ଭ ହୋଇ ଶ୍ୱାସନଳୀ ଜନିତ ରୋଗ ଯାଏଁ ବି ବ୍ୟାପିପାରେ। କରୋନା ଭାଇରସ ଏକ ଜୋନାଟିକ ରୋଗ ଭାବେ ପରିଚିତ। ଅର୍ଥାତ ଏହା ପଶୁ ଓ ମଣିଷ ଭିତରେ ବି ସଂକ୍ରମିତ ହୋଇପାରେ। ଏତଦବ୍ୟତୀତ ଜଣେ କରୋନା ଭାଇରସରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିର ଛିଙ୍କ, କାଶ, ଛେପ, ଖଙ୍କାର ସଂସ୍ପର୍ଶରେ ଆସିଲେ ବ୍ୟାପିଥାଏ। ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନ ଯଥା ପାର୍କ, ସପିଂ ମଲ, ସିନେମା ହଲ ପରି ସ୍ଥାନ ମାନଙ୍କରେ ଏହା ସହଜରେ ବ୍ୟାପିଥାଏ। ତେବେ ଏହି କରୋନା ପ୍ରଥମେ ଚୀନରୁ ଆରମ୍ଭ ହୋଇ ବର୍ତ୍ତମାନ ସମଗ୍ର ବିଶ୍ୱକୁ ବ୍ୟାପି ଗଲାଣି । ତେଣୁ ଏହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଏହାକୁ ପାଣ୍ଡେମିକ ରୋଗ ବୋଲି ବି କୁହାଯାଉଛି। ଏବର ସମୟକୁ ଲକ୍ଷ୍ୟ କଲେ ଚୀନ, ଆମେରିକା, ଇରାନ, ବ୍ରାଜିଲ, କାନାଡ଼ା, ଅଷ୍ଟ୍ରେଲିଆ, ଭିଏତନାମ ପ୍ରଭୃତି ରାଷ୍ଟ୍ରରେ ବ୍ୟାପି ଭାରତ ଏବଂ ଓଡ଼ିଶାରେ ବି ଏହା ନିଜ କାୟା ବିସ୍ତାର କରିସାରିଲାଣି ।

ଓଡ଼ିଶା - କିପରି ପୁଣି ହସିବ, ସେ ଦିଗରେ ନୂତନ ଚିନ୍ତା ଓ ଚେତନାର ପରିପ୍ରକାଶ ବି ହେଉଛି। ତେବେ ଏ ଭିତରେ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ଡ଼ାକ୍ତର, ପୋଲିସ, ସଫେଇକର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଓ ସର୍ବୋପରି ସାଧାରଣ ଜନତାଙ୍କ ଭୂମିକା ଅତୁଳନୀୟ । ସେମାନେ ହିଁ ଏ କରୋନା ଯୁଦ୍ଧର ଅସଲି ଯୋଦ୍ଧା । ନିଜ ପରିବାର, ଆତ୍ମୀୟଙ୍କ କଥା ଭୁଲି ରାଜ୍ୟ ଓ ଦେଶର ସ୍ୱାର୍ଥରେ ନିଜକୁ ନିୟୋଜିତ କରି ଏକ ଉଦାର ମାନବିକତାର ପରିଚୟ ଦେଇଛନ୍ତି। ଦେଶ ତଥା ରାଜ୍ୟର ମଙ୍ଗଳ କଥା ଯି କିଏ ଅଧିକ ଚିନ୍ତା କରୁଥାନ୍ତି, ତାହେଲେ ସେ ହେଉଛନ୍ତି ସରକାର । ରାଜ୍ୟର ବିକାଶ ସାଧନରେ ସରକାର ତୁଲାଇଥାନ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା। ସେ ଚାଷୀ ହେଉ କି ଶ୍ରମିକ ଅବା ମଧ୍ୟମବର୍ଗର ଲୋକ ଅବା ନିମ୍ନ ବର୍ଗର ଲୋ, ସମସ୍ତଙ୍କ ପାଇଁ ଯୋଜନା କରି ସେମାନଙ୍କୁ ଥଇଥାନ କରନ୍ତି ସରକାର। ବର୍ତ୍ତମାନ ସାରା ବିଶ୍ୱରେ କରୋନାର ଚିନ୍ତା। ପ୍ରତି ମୁହୂର୍ତ୍ତରେ ସମସ୍ତଙ୍କ ମନ ଭିତରେ ସେହି ଗୋଟିଏ ଡ଼ର - କରୋନା । ଏପରି ଏକ ଜଟିଳ ପରିସ୍ଥିତି ସମୟରେ ଏହାର ମୁକାବିଲା କରିବାକୁ ମାଷ୍ଟରପ୍ଲାନ କରୁଛନ୍ତି ସରକାର । କେଉଁ ଉପାୟରେ ଏହାକୁ ଠିକ ଭାବରେ ମୁକାବିଲା କରିହେବ ସେଥିପାଇଁ ପ୍ରସ୍ତୁତ କରୁଛନ୍ତି ସ୍ୱତନ୍ତ୍ର ଗାଇଡ଼ଲାଇନ। କିପରି ଜଣେ ବି ଲୋକଙ୍କର କିଛି ଅସୁବିଧା ନହୁଏ, ତାକୁ ପ୍ରାଥମିକତା ଦିଆଯାଉଛି। ଲୋକଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ଯୋଜନା କରିବା ସହ କିପରି ସଭିଏଁ ଦିନରେ ଦି ଓଳି ଖାଇ ପାରିବେ ତାହାକୁ ମଧ୍ୟ ଗୁରୁତ୍ୱର ସହ ବିଚାର କରୁଛନ୍ତି। ଓଡ଼ିଶା ସରକାରଙ୍କ କରୋନା ମୁକାବିଲା ଯୋଜନା ଏବେ ସାରା ଦେଶରେ ଚର୍ଚ୍ଚା।

କିନ୍ତୁ ଏ ଲକଡ଼ାଉନ ସମୟର କଥାକୁ ଟିକେ ଗୁରୁତର ସହ ବିଚାର କଲେ ଏହା ଜାଣିପାରିବା ଯେଦ୍ୱିତୀୟ ଲହରୀର ପ୍ରାରମ୍ଭ ରେ ସରକାର ନେଇଥିବା ଲକଡ଼ାଉନ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ଥିଲା । ଅନ୍ତତଃ ରାସ୍ତାରେ ଗାଡ଼ିମୋଟର ନଥିଲା । ରାତି ହେଲେ ରାଜଧାନୀ ରାଜରାସ୍ତା ନିର୍ଜନ ଲାଗୁଥିଲା। ଆଉ ଏବେକାର ଲକଡ଼ାଉନକୁ ଲକ୍ଷ୍ୟ କଲେ ଜଣେ ଜାଣିପାରିବ, ଏହାର ଗୁରୁତ୍ୱ କେତେ ? ଏବେ ଲୋକେ ଲକଡ଼ାଉନ କଣ ଭୁଲିଗଲେଣି । ସଟଡ଼ାଉନ କଣ ମନରୁ ପାଶୋରି ଗଲାଣି। ସପ୍ତାହାନ୍ତରେ ରାସ୍ତା ଘାଟରେ ଖଟି ଜମୁଛି । ସକାଳ ହେଲେ ରାଜରାସ୍ତା ଲୋକାରଣ୍ୟ ହେଉଛି। ଦିନ ଦୁଇଟା ପରେ ବି ଗାଡ଼ି ମୋଟର ସଂଖ୍ୟା କମୁନି। ଅନେକ ଅମାନିଆ ବି ଭଲ ଫାଇଦା ନେଲେଣି। ଏପରି କରି କରୋନାର ତୃତୀୟ ଲହରୀକୁ ଯେ ଆମେ ଆମନ୍ତ୍ରଣ କରୁଛନ୍ତି, ଏକଥା ଭୁଲିଯାଉଛନ୍ତି। ଆମରି ପାଇଁ ହିଁ ଏ ଲହରୀ ଆରମ୍ଭହେଉଛି।

କରୋନାକୁ ନେଇ ଏବେ ନାନାଦି ଗୁଜବ ଘୁରି ବୁଲୁଛି। ଗୁଜବର ଜାଲରେ ପଡ଼ି ଲୋକେ ଏହାକୁ ବିଶ୍ୱାସ ମଧ୍ୟ କରିଗଲେଣି। କିଛି ଦିନ ତଳେ ସୋସିଆଲ ମିଡ଼ିଆରେ ଘୁରି ବୁଲୁଥିବା ଏକ ତଥ୍ୟ ସମସ୍ତଙ୍କୁ କିଛି ସମୟ ପାଇଁ ହରଡ଼ଘଣାରେ ପକାଇଥିଲା ଏତଦଭିନ୍ନ ଆପଣଙ୍କୁ ଥଣ୍ଡା କିମ୍ବା କାଶ ହେଲେ ଗୁଜବକୁ ବିଶ୍ୱାସ ନ କରି ଡ଼ାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଲୋକଙ୍କ କଥାକୁ ନଶୁଣି ବରଂ ସେହି ସମୟକୁ ନଷ୍ଟ କରି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରି ସଜାଗ ହୁଅନ୍ତୁ। କରୋନାକୁ ନେଇ ଏବେ କଳାବଜାରୀ ବି ବଢ଼ିବାରେ ଲାଗିଲାଣି। ଏସବୁରୁ ଦୂରରେ ରୁହନ୍ତୁ। ନିଜେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ସରକାରଙ୍କ ଦ୍ୱାରା ଦିଆଯାଇଥିବା ଗାଇନଲାଇନକୁ ଅନୁସରଣ କରନ୍ତୁ। ଆତଙ୍କିତ ନହୋଇ ଏହାକୁ ମୁକାବିଲା କରିବା ପାଇଁ ଅଣ୍ଟା ଭିଡନ୍ତୁ। ଗୁଜବର ମାୟାଜାଲରୁ ବାହାରି ଆସିବାକୁ ଚେଷ୍ଟା କରନ୍ତୁ। ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ ।

ବର୍ତ୍ତମାନ କରୋନା ପାଇଁ ଟୀକା ବାହାରିସାରିଲାଣି । ଲୋକେ ଟୀକା ବି ନେଲେଣି



ଧାରାବାହିକ ପୌରାଣିକ ଉପନ୍ୟାସ

ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ

ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

ଭାଗ-୨୩

କ୍ଷତ୍ରିୟମାନଙ୍କ ଅତ୍ୟାଚାରରୁ ସମାଜକୁ ରକ୍ଷାକରି ସାରା ପୃଥିବୀରେ ଚର୍ଚ୍ଚିତ ହୋଇଥିଲେ । ସେଦିନ ଚାହିଁଥିଲେ ସେ ସମଗ୍ର ଜଗତର ଅଖଣ୍ଡ ଶାସକ ହୋଇପାରିଥାନ୍ତେ । କିନ୍ତୁ ସମଗ୍ର ବ୍ରାହ୍ମଣ ଜାତିର ସମ୍ମାନ ପାଇଁ ରାଜମୁକୁଟ ତୁଚ୍ଛକରି ଆଡ଼େଇ ଦେଇଥିଲେ । ତ୍ୟାଗର ମୂର୍ତ୍ତିମନ୍ତ ଅବତାର ପରଶୁରାମଙ୍କ ଆଶ୍ରମ ପତ୍ରନିର୍ମିତ କୁଟିର । ନା ଅଛି ସାଜସଜ୍ଜା ଅବା ଆଡ଼ମ୍ବର । ସାରା ଆଶ୍ରମକୁ ମୋତେ ବୁଲାଇ ଦେଖାଉଥିଲେ । ଏପରିକି ତାଙ୍କ ଶୋଇବା ଘରକୁ ମଧ୍ୟ ସଂଗରେ ନେଇଗଲେ । ଶୋଇବା ଘରକୁ ଲାଗି ଅଗ୍ନିଶାଳା, ଅତିଥିଶାଳା ଆଉ ଗୋଶାଳା । ସବୁକିଛି ସାଧାରଣ ମାଟି, ନଡ଼ା ଆଉ ପତ୍ର । ମଝି ଅଙ୍ଗନରେ ବିରାଟ ବଟ ବୃକ୍ଷଟିଏ । ତାକୁ ଘେରି ମାଟିମଣ୍ଡପ । ବୃକ୍ଷର ଶାଖାରେ ଟଙ୍ଗା ହୋଇଛି ବଲ୍କଳ ବସ୍ତ୍ର । ମୁଁ କିଛି ଭାବିପାରୁ ନଥିଲି । ଏମିତି ଦୟନୀୟ ପରିବେଶ ମଧ୍ୟରେ ବାସକରନ୍ତି ଆଶ୍ଚର୍ଯ୍ୟ ପରଶୁରାମ । ପରେ ନିଜକୁ ସଂଯତ କରିନିଏ । ଏ କ'ଣ ମୁଁ ଭାବୁଛି । ମୁଁ ଯେ ତାଙ୍କର ଶିଷ୍ୟ । ଗୁରୁଙ୍କ ବିଷୟରେ କିଛି ଖରାପ ଚିନ୍ତା କରିବା ଶିଷ୍ୟ ପାଇଁ ପାପ । ଗୁରୁଦେବଙ୍କ ବାସସ୍ଥାନ ଜଣେ ଶିଷ୍ୟ ପାଇଁ ତ ପରମ ତୀର୍ଥସ୍ଥାନ । ଆଜିଠାରୁ ଏ କୁଟୀର, ଏ ମାଟିମଣ୍ଡପ ସବୁକିଛି ମୋ ପାଇଁ ପବିତ୍ରପୀଠ ।

ଆଶ୍ଚର୍ଯ୍ୟଙ୍କ ନିର୍ଦ୍ଦେଶରେ ଅଗ୍ନିଶାଳାରେ ପ୍ରବେଶକରି ଅଗ୍ନିଦେବଙ୍କୁ ପ୍ରଣାମ କଲି । ପାରମ୍ପରିକ ରୀତିରେ ଆଶ୍ଚର୍ଯ୍ୟ ମୋତେ ଦୀକ୍ଷାଦେଇ ତାଙ୍କର ଶିଷ୍ୟରୂପେ ବରଣ କରିନେଲେ । ମୋ କାନରେ ମନ୍ତ୍ର ଉଚ୍ଚାରଣ କରି ମୋତେ ନିରନ୍ତର ସେହି ମନ୍ତ୍ରଜପ କରିବାକୁ ପରାମର୍ଶ ଦେଲେ । ତାପର ଠାରୁ ଆମେ ଦୁହେଁ ଗୁରୁ-ଶିଷ୍ୟ ହୋଇଗଲୁ । ସେହି ମୁହୂର୍ତ୍ତରୁ ମୁଁ ଭୁଲିଗଲି ନିଜକୁ । ମୁଁ ଏବେ ଅଧିରଥ ସାରଥି ସୂତପୁତ୍ର ନୁହେଁ, କି ଗୁରୁଦ୍ରୋଣଙ୍କ ଆଶ୍ରମରେ ଲାଞ୍ଛିତ ଶିଷ୍ୟ ନୁହେଁ । ଏଠି ମୋର ଭିନ୍ନ ପରିଚୟ । ଭାର୍ଗବ ଗୁରୁ ପରଶୁରାମଙ୍କ ଶିଷ୍ୟ । ଗୁରୁଙ୍କ ପଦତଳେ ଭୂମିଷ୍ଠ ପ୍ରଣାମକରି ନିଜକୁ ଧନ୍ୟ ମନେ କରୁଥିଲି ।

- କୋଡ଼ିଏ -

ସାରାଦିନର କ୍ଳାନ୍ତି ପରେ ଆଶ୍ଚର୍ଯ୍ୟଙ୍କ ନିର୍ଦ୍ଦେଶରେ ମୋତେ ଆଶ୍ରମର ଅତିଥିଶାଳାରେ ରହିବାକୁ ପଡ଼ିଲା । ମୋ ଆଖିରେ କିନ୍ତୁ ନିଦ ନଥିଲା । ମୁଁ କେବଳ ଭାବୁଥିଲି ଗୁରୁଦେବଙ୍କ କଥା । ତାଙ୍କ ଚାଲିଚଳଣ, ବ୍ୟବହାର, ଆଶ୍ରମ ପରିବେଶ ସବୁ ଯେମିତି ମୋ ଆଖିରେ ସଦାସର୍ବଦା ପ୍ରତିବିମ୍ବିତ ହେଉଥିଲା । ଅଳ୍ପ ସମୟ ଭିତରେ ମୁଁ ଗୁରୁଦେବଙ୍କ ମନକୁ ଜୟ କରିପାରିଛି । ମୋ ପ୍ରତି ଗୁରୁଦେବ ଯେ ପ୍ରସନ୍ନ । ଏହା ମୁଁ ତାଙ୍କ ସାନ୍ନିଧ୍ୟରୁ ବେଶ୍ ହୃଦୟଙ୍ଗମ କରି ପାରୁଥିଲି । ତଥାପି ମୋ ମନରେ ଉଙ୍କି ମାରୁଥାଏ ଏକ ଅଜଣା ଆଶଙ୍କା । ମୁଁ ଯେ ମିଥ୍ୟା ବ୍ରାହ୍ମଣ ଖୋଳପା ମଧ୍ୟରେ ଆବଦ୍ଧ । ଏହା ଯଦି ଗୁରୁଦେବ ଦିନେ ଜାଣିପାରନ୍ତି ତେବେ କ'ଣ ହେବ ମୋ ଅବସ୍ଥା । ସେଇ ମୁହୂର୍ତ୍ତରେ ନିଜପ୍ରତି ଧିକ୍କାର ଜାଗେ । ଏମିତି ମିଥ୍ୟା ପରିଚୟ ମଧ୍ୟରେ ଗୁରୁଦେବଙ୍କ ଠାରେ ମୁଁ ବିଶ୍ୱସ୍ତ ହୋଇପାରିବି ତ ? ଆଉ ତାଙ୍କ ମନରେ ଆଘାତ ଦେଇ ତାଙ୍କ ସହ ବିଶ୍ୱାସ ଘାତକତା କରିବା ଏକ ଅକ୍ଷମଣୀୟ ଅପରାଧ ।

ଗୁରୁଙ୍କ ନିର୍ଦ୍ଦେଶରେ ପାଖ ଜଂଗଲରୁ ଡାଳପତ୍ର ସଂଗ୍ରହ କରି ମୋ ପାଇଁ ଏକ କୁଟୀର ନିର୍ମାଣ କରିଦେଲି ଓ ତାହାହିଁ ହେଲା ମୋର ରହିବା ଘର । ଏବେ ଏଇଠାରେ ହିଁ ମୋତେ ଜଣେ ଆଶ୍ରମର ଅନ୍ତେବାସୀ ଭାବେ ରହିବାକୁ ପଡ଼ିବ । ମୋତେ ଭୁଲିଯିବାକୁ ପଡ଼ିବ ମୋ ନିଜ ଗାଁ ଚମ୍ପାପୁର, ଶିକ୍ଷାକ୍ଷେତ୍ର ହସ୍ତିନାପୁର, ଗଙ୍ଗାକୂଳ, ସାଂଗସାଥୀ ମେଳ ।

ସବୁ କାମ ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ପ୍ରସ୍ତୁତ । ଏଠି କେହି କାହାକୁ ବାଧା ଦିଅନ୍ତିନି । ସମସ୍ତେ ଯେ ଯାହା କାମରେ ବ୍ୟସ୍ତ । ଏମିତି କି ଆଶ୍ଚର୍ଯ୍ୟ ମଧ୍ୟ । ମୁଁ ମୋ କର୍ତ୍ତବ୍ୟରେ ନିରନ୍ତର କର୍ମତତ୍ପର ରହୁଥାଏ । ପ୍ରତିଦିନ ବ୍ରାହ୍ମମୁହୂର୍ତ୍ତରୁ ଶଯ୍ୟାତ୍ୟାଗ କରି ଯୋଗାଭ୍ୟାସ କରେ । ତାପରେ ନିଜ ଶୋଇବାଘର, ଅଗଣା ଓ ଗୋଶାଳା ପରିଷ୍କାର କରିଦିଏ । ଏସବୁ ସରିଲା ପରେ ନିକଟସ୍ଥ ଝରଣାକୁ ଯାଇ ସ୍ନାନାଦି ନିତ୍ୟକର୍ମ କରେ । ଆଶ୍ଚର୍ଯ୍ୟଙ୍କ ଅଗ୍ନିପୂଜା ପାଇଁ ସମସ୍ତ ସାମଗ୍ରୀ ସଜାଡ଼ି ଦିଏ । ନିକଟସ୍ଥ ଅରଣ୍ୟର ଫଳମୂଳ ସଂଗ୍ରହ କରିଆଣେ । ଶ୍ୟାମଳ ବନାନୀ ଆଶ୍ରମର ପରିବେଶ ବର୍ଷସାରା ଫଳମୂଳର ଅଭାବ ରହେନି । ତାହାଛଡ଼ା ଆଶ୍ଚର୍ଯ୍ୟ ନିଜେ ଆଶ୍ରମ ପାଇଁ ତିଆରି କରିଛନ୍ତି ଏକ ଫଳପୁଷ୍ପର ଉଦ୍ୟାନ । ନିଜ ହାତରେ ଗଛଗୁଡ଼ିକର ଯତ୍ନ ମଧ୍ୟ ନିଅନ୍ତି । ମଧ୍ୟାହ୍ନ ପର୍ଯ୍ୟନ୍ତ ଏମିତି କାମରେ ଆମେ ସମସ୍ତେ ବ୍ୟସ୍ତ ରହୁ । ତା ପରେ ଆଶ୍ଚର୍ଯ୍ୟଙ୍କୁ ପତ୍ରଥାଳିରେ ଫଳାହାରର ବ୍ୟବସ୍ଥା କରିଦିଏ । ତାଙ୍କ ଭୋଜନପରେ ମୁଁ ନିଜେ ଖାଏ । ତା ପରେ ସାମାନ୍ୟ ବିଶ୍ରାମ ।

ପ୍ରତିଦିନ ସଂଧ୍ୟାପୂଜା ପରେ ଆଶ୍ଚର୍ଯ୍ୟ ମାଟିମଣ୍ଡପ ଉପରେ ବସି ଧ୍ୟାନ କରନ୍ତି ଆମକୁ ଶାସ୍ତ୍ରୋପଦେଶ ଶୁଣାନ୍ତି । ମୋଟାମୋଟି ଆଶ୍ରମ ପରିବେଶ ଥିଲା ବେଶ୍ ଶାନ୍ତ ଓ କମନୀୟ । ମୋ ପାଇଁ ଯଦିଓ ଏହା ସଂପୂର୍ଣ୍ଣ ନୂତନ ଓ ଭିନ୍ନ, ତଥାପି ମୋ ଲକ୍ଷ୍ୟହାସଲ ପାଇଁ ଏଠାରେ ତ ମୋତେ ଏମିତି କୃଚ୍ଛ୍ର ଜୀବନକୁ ଆଦରି ନେବାକୁ ପଡ଼ିବ । ମୁଁ ତେଣୁ ଏ ଜୀବନକୁ ତପସ୍ୟା ଭାବେ ଧରି ନେଇଥିଲି । ଏତିକି ମଧ୍ୟ ଜାଣିଥିଲି, ବିନା ତପସ୍ୟାରେ ସିଦ୍ଧି କେବେ ସମ୍ଭବ ନୁହେଁ । ତେଣୁ ଏଠାରେ ମୋତେ କୋଠର ତପସ୍ୟା ତଥା ବିଭିନ୍ନ ସମୟରେ ଆଶ୍ଚର୍ଯ୍ୟଙ୍କଠାରେ ପରୀକ୍ଷା ମଧ୍ୟ ଦେବାକୁ ପଡ଼ିବ । ଏମିତି ଭାବେ ଆଶ୍ରମରେ ମୋର ପ୍ରାୟ ଏକମାସ ବିତିଯିବା ଉପରେ । ଏହାରି ମଧ୍ୟରେ ମୁଁ ସଦାସର୍ବଦା ଗୁରୁଦେବଙ୍କ ପାଖେପାଖେ ଥାଇ ତାଙ୍କ ଇଂଗିତରେ କାମ କରିଥିଲି । କର୍ମ ଓ କର୍ତ୍ତବ୍ୟ ମଧ୍ୟରେ ତାଙ୍କ ହୃଦୟ ଜିଣିବାକୁ ଚେଷ୍ଟା କରିଥିଲି । ପୂର୍ବରୁ ଶୁଣିଥିଲି ଆଶ୍ଚର୍ଯ୍ୟ କ୍ଷଣକୋପୀ । ସାରାଜଗତ ଯାହାଙ୍କ ନାମ ଶୁଣିଲେ ଥରହର ହେଉଥିଲେ, ତାଙ୍କ କ୍ରୋଧାଗ୍ନି ପାଖରେ ପତଙ୍ଗସମ ଜଳିପୋଡ଼ି ଛାରଖାର ହୋଇ ଯାଉଥିଲେ ହେଲେ ମୁଁ ତାଙ୍କୁ ଅତି ପାଖରେ ପାଇଛି । ଖୁବ୍ ନିକଟରୁ ଦେଖୁଛି । ଅଥଚ ତାଙ୍କ ନିକଟରେ କ୍ରୋଧର ସାମାନ୍ୟତମ ଲକ୍ଷଣ ମଧ୍ୟ ଦେଖିପାରୁ ନାହିଁ । କିଛି ଭାବିପାରୁ ନଥିଲି । ଆଶ୍ଚର୍ଯ୍ୟ କ'ଣ ସତରେ କ୍ରୋଧ ସମ୍ବରଣ କରି ନେଇଛନ୍ତି ନା ମୋର ତାଙ୍କ ପ୍ରତି ଭକ୍ତି, ସେବା, ପୂଜାରେ ତୁଷ୍ଟହୋଇ କ୍ରୋଧ ଆଚରଣ କରୁନାହାଁନ୍ତି । ଯେତେ ଯାହାହେଲେ ବି ଯେତେଦିନ ଥିବି ଅନ୍ତତଃ ତାଙ୍କ ପାଖରେ ବିଶ୍ୱସ୍ତ ହୋଇ ରହିବି । କିନ୍ତୁ ପରକ୍ଷଣରେ ନିଜକୁ ଅପରାଧୀ ମଣୁଥିଲି । ମୁଁ ଯେ ଏଠାରେ ଏକ ମିଥ୍ୟା ପରିଚୟ ନେଇ ଘୂରିବୁଲୁଛି । ଆଉ ଯଦି ପ୍ରକୃତ ପରିଚୟ ମୋର ଧରାପଡ଼ିଯାଏ ? ନା ପ୍ରଭୁ ନା ଏମିତି ସମୟ କେବେ ନଆସୁ । ଜନ୍ମଠାରୁ ଆଜିପର୍ଯ୍ୟନ୍ତ ମୁଁ ତ କେବଳ ଅପମାନ, ଲାଞ୍ଛନା ମଧ୍ୟରେ ବଡ଼ ହୋଇଛି । ଆଶ୍ଚର୍ଯ୍ୟଙ୍କ ପାଖରେ ଅନ୍ତତଃ ଏସବୁ ବିପଦରୁ ମୋତେ ମୁକ୍ତ କର ।

ଆଶ୍ଚର୍ଯ୍ୟ ମୋତେ ବସୁ ବୋଲି ଡାକନ୍ତି । ଏଠାରେ ମୋର କର୍ଣ୍ଣ ନାମର କୌଣସି ପ୍ରୟୋଜନ ନାହିଁ । କାରଣ ମୋର ନାମ, ଗୋତ୍ର କହିବାକୁ ଯାଇ ମୁଁ ତ ନିଜେ କହିଛି । ମୋରନାମ ବସୁ ଶର୍ମା । ପିତା ଅଧିରଥ ଶର୍ମା । ଗୋତ୍ର ଭାର୍ଗବ । ଏତକ ପରିଚୟରେ ମୁଁ ତାଙ୍କର ଏକାନ୍ତ ଅନୁଗତ ଶିଷ୍ୟ ବସୁ ।

ସେଦିନ ମୁଁ ମୋ କୋଠରିର ବାହାରେ ଏକୁଟିଆ ବସିଥାଏ । ଆଶ୍ଚର୍ଯ୍ୟ ଅତି ସ୍ନେହରେ ମୋ ସେବା ସମୟରେ ସେ ଖୁବ୍ ସନ୍ତୁଷ୍ଟ ବୋଲି କହିଲେ, କ୍ଷଣିକ ନିରବତା ପରେ ସେ ପୁଣି ମୋତେ ପଚାରିଲେ "ବସ୍ତ୍ର ବସୁ ! ତୁମେ ତ ମୋ ପାଖରେ ଏକମାସ ଧରି ରହିଲଣି । ହେଲେ ତୁମର ଏଠିକୁ ଆସିବାର ଉଦ୍ଦେଶ୍ୟ, କେଉଁ ବିଦ୍ୟା ଶିକ୍ଷା କରିବାର ଲକ୍ଷ୍ୟନେଇ ମୋ ପାଖକୁ ଆସିଛ, କାହିଁ ଏଯାଏଁ ତ କହିଲ ନାହିଁ । ଏଇ କେତେଦିନ ମଧ୍ୟରେ ମୁଁ ତ ତୁମର ବେଦ, ବେଦାନ୍ତର ଜ୍ଞାନ ସମ୍ବନ୍ଧରେ ସୂଚନା ପାଇପାରିଛି । ତୁମେ ଜଣେ ଶାସ୍ତ୍ରଜ୍ଞ, ବିଦ୍ୱାନ, ଜ୍ଞାନୀଗୁଣୀ ବ୍ୟକ୍ତିତ୍ୱ ତାହା ମଧ୍ୟ ମୋ ନିକଟରେ ଅଛପା ନାହିଁ । ତେବେ ମୋ ଠାରୁ ପୁଣି କେଉଁ ବିଦ୍ୟା ଆଶା ରଖି ଆସିଛ ? ଜଣେ ବ୍ରାହ୍ମଣ ପାଖରେ ଯେତିକି ବିଦ୍ୟା ରହିବା ଦରକାର ତାହା ତ ତୁମ ପାଖରେ ରହିଛି । ତା ସତ୍ତ୍ୱେ ତୁମର ମୋ ପାଖରେ ଶିଷ୍ୟତ୍ୱ ନେବାର ପ୍ରୟୋଜନ ।

ଲକ୍ଷ୍ୟକଲି ଗୁରୁଦେବଙ୍କ ମୁହଁରେ ସ୍ମିତହାସ୍ୟର ଛିଟା । ସମଗ୍ର ଶରୀରରେ ଏକ ଦିବ୍ୟ ଜ୍ୟୋତି । ସତରେ ଯେମିତି ଆଶ୍ଚର୍ଯ୍ୟ ତରଳି ଯାଉଥାନ୍ତି । ତଥାପି ମୁଁ ଖୁବ୍ ଜଗିଜଗି ଭୟ ଓ ଆଶଙ୍କା ମଧ୍ୟରେ ମୁଁ ଯେ ତାଙ୍କ ପାଖରୁ ଦିବ୍ୟାସ୍ତ୍ର ଶିକ୍ଷା କରିବାକୁ ଆସିଛି ତାହା ଜଣାଇ ଦେଲି । ମୋ କଥା ଶୁଣି ଆଶ୍ଚର୍ଯ୍ୟ ବୋଧେ ବିଚଳିତ ହୋଇଗଲେ । ମୋତେ ସନ୍ଦେହ ଦୃଷ୍ଟିରେ ଅନାଇଲେ ।

ସତ କହୁଛ ବସୁ । ତୁମେ ବ୍ରାହ୍ମଣର ସନ୍ତାନ ତ ? ଆଉ ଯଦି ବ୍ରାହ୍ମଣ ତେବେ ଅସ୍ତ୍ର ବିଦ୍ୟା ଶିକ୍ଷାର ପ୍ରୟୋଜନ ଅବା କ'ଣ ? ଅସ୍ତ୍ର ଶିକ୍ଷା ତ କେବଳ କ୍ଷତ୍ରିୟମାନଙ୍କ ପାଇଁ ଉଦ୍ଦିଷ୍ଟ । ତେଣୁ ଦିବ୍ୟାସ୍ତ୍ର ପୁଣି ବ୍ରହ୍ମାସ୍ତ୍ର ଶିକ୍ଷାପାଇଁ ତୁମର ଜିଦ୍ କାହିଁକି ? ମୁଁ କିନ୍ତୁ ନମ୍ରତାର ସହ ଗୁରୁଙ୍କ ସନ୍ତୋଷଜନକ ଉତ୍ତର ଦେବାକୁ ଚେଷ୍ଟା କରୁଥିଲି । ଧରା ପଡ଼ିଯିବାର ଆଶଙ୍କାରେ ମୋ ମନ ମଧ୍ୟ ଉଦ୍‌ବେଳିତ ହେଉଥିଲା ।

ଆଶ୍ଚର୍ଯ୍ୟ ପରଶୁରାମ । କେବଳ ଜଣେ ସାଧାରଣ ଆଶ୍ଚର୍ଯ୍ୟ ନୁହଁନ୍ତି । ସ୍ଥିତପ୍ରଜ୍ଞ ପୁଣି ମହାବୀର ମହାତେଜସ୍ୱୀ । ତାଙ୍କ ହୃଦୟକୁ ଜୟକରିବା ସହଜ ନୁହେଁ । ମୋତେ କିନ୍ତୁ ତାଙ୍କୁ ଜିଣିବାକୁ ପଡ଼ିବ । ନହେଲେ ଲକ୍ଷ୍ୟହାସଲ ମୋ ପାଇଁ ଅବଶ୍ୟମ୍ଭାବୀ । ଶେଷରେ ତାହାହିଁ ହେଲା । ମୋ ମୁହଁରୁ ସମସ୍ତ ସନ୍ତୋଷଜନକ ଉତ୍ତର ପାଇ ଆଶ୍ଚର୍ଯ୍ୟ ଯେତିକି ସ୍ତବ୍ଧ ସେତିକି ମୁଗ୍ଧ ମଧ୍ୟ । ମୁଁ ଯେ ଅନ୍ୟମାନଙ୍କୁ ଆକ୍ରମଣ ପାଇଁ ନୁହେଁ, କେବଳ ନିଜ ଆତ୍ମରକ୍ଷା ପାଇଁ ଏ ଶିକ୍ଷା ଚାହୁଁଛି ତାହାର ପ୍ରମାଣ ଦେଖାଇ ଆଶ୍ଚର୍ଯ୍ୟଙ୍କ ହୃଦୟକୁ ଜୟ କରିନେଲି । ସେ ସଂପୂର୍ଣ୍ଣ ଭାବେ ତରଳି ଯାଉଥିଲେ ମୋ କଥା କହିବା ଭଂଗୀରୁ । ଶେଷରେ ଅସ୍ତ୍ରଶିକ୍ଷା ପାଇଁ ଏକନିର୍ଦ୍ଦିଷ୍ଟ ସର୍ତ୍ତ ଉପସ୍ଥାପନ କଲେ ।

ତୁମେ ଜାଣ ବସୁ । ବ୍ରାହ୍ମଣ ମାତ୍ରକେ କ୍ଷଣକୋପୀ । ସହଜରେ ଧୈର୍ଯ୍ୟଧରି ରହିପାରନ୍ତି ନାହିଁ । ତୁମେ ଏଭଳି ଦାରୁଣ ଅସ୍ତ୍ରର ଅଧିକାରୀ ହୋଇ ଧୈର୍ଯ୍ୟଧରି ରହିପାରିବ ତ ? ଆତ୍ମସଂଯମ ହରାଇବ ନାହିଁ ତ ? ମୋତେ କଥାଦିଅ ବସୁ । ଏ ଅସ୍ତ୍ର - ସାଧାରଣ ଅସ୍ତ୍ର ନୁହଁ । ଏହାର ଅନେକ ଗୁଣ ରହିଛି । ଜନକଲ୍ୟାଣର ବାର୍ତ୍ତା ପ୍ରଚାର କରୁକରୁ ଏହାଯଦି ତୁମ ହାତରେ ଜନ ଅମଙ୍ଗଳର କାରଣ ହୋଇଯାଏ ? ତେଣୁ ଏତିକି ମନେ ରଖିଥିବ "ତୁମକୁ ଯଦି କେହି ଦିବ୍ୟାସ୍ତ୍ର ଅଥବା ବ୍ରହ୍ମାସ୍ତ୍ର ଦ୍ୱାରା ଆଘାତ କରିବାକୁ ନ ଆସିଥାଏ ସେପର୍ଯ୍ୟନ୍ତ ତୁମେ ଏହାକୁ ଅକାରଣେ ପ୍ରୟୋଗ କରିବ ନାହିଁ ।" "ଆପଣଙ୍କ କଥା ମନେରଖିବି ଗୁରୁଦେବ, ସବୁଦିନେ, ସବୁକାଳେ ନିଶ୍ଚୟ ମାନିବି । ଏହା ମୋର ଶପଥ । ଜୀବନରେ ଯେତେବଡ଼ ବିପଦ ଆସୁ ନା କାହିଁକି ଗୁରୁଦ୍ରୋହୀ କେବେବି ହେବିନାହିଁ । ଆପଣ ନିର୍ଭୟରେ ମୋତେ ଶିକ୍ଷା ଦିଅନ୍ତୁ ଗୁରୁଦେବ । ଚିରରଣୀ ହୋଇ ରହିବି ଆପଣଙ୍କ ଠାରେ । ଏହା କହି ତାଙ୍କ ପାଦତଳେ ପ୍ରଣାମ କଲି । ଆଶ୍ଚର୍ଯ୍ୟ ମୋତେ ଉଠାଇ ନେଇ ମୋ ମୁଣ୍ଡରେ ଆଶୀର୍ବାଦର ହାତ ବୁଲାଇ ଆଣି କହିଲେ, ତୁମେ ଜୀବନରେ ସଫଳତା ପାଅ । ମୋ ଆଶୀର୍ବାଦ ସଦାସର୍ବଦା ତୁମଠାରେ ରହିଥିବ ।"

ଏତେଦିନ ପରେ ମୋ ସ୍ୱପ୍ନ ସଫଳ ହେବାକୁ ଯାଉଛି । ନିଜକୁ କୃତକୃତ୍ୟ ମନେ କରୁଥିଲି । ଆଶ୍ଚର୍ଯ୍ୟଙ୍କ କୃପାରୁ ମୁଁ ହେବି ଦିବ୍ୟାସ୍ତ୍ରର ଅଧିକାରୀ । ଓଃ କି ସୌଭାଗ୍ୟ ମୋର । ମୁଁ କେବଳ ସୂତପୁତ୍ର କର୍ଣ୍ଣ ହୋଇ ରହିବିନି । ବୀର ହେବି, ମହାବୀର । ଏପରି ଚିନ୍ତା ଓ ଚେତନା ମଧ୍ୟରେ ସେଦିନର ରାତ୍ରିଟି କେମିତି କଟିଗଲା ଜାଣିପାରିଲି ନାହିଁ ।

ଆଶ୍ରମରେ ବେଶି କେହି ଆଗନ୍ତୁକ ଏବେ ନାହାଁନ୍ତି । ଶିକ୍ଷାଗ୍ରହଣ ପାଇଁ ମୁଁ ହିଁ ତାଙ୍କର ମୁଖ୍ୟ ଶିଷ୍ୟ । ତେଣୁ କାଳବିଳମ୍ବ ନକରି ମୋତେ ଯଥାଶୀଘ୍ର ଅସ୍ତ୍ରଶିକ୍ଷା ଦେବା ଆରମ୍ଭ କରିଦେଲେ । ମୋତେ ପୂର୍ବରୁ ଦେଇଥିବା ଆଶ୍ରମର କାର୍ଯ୍ୟ ଗୁଡ଼ିକରୁ ଅବ୍ୟାହତି ଦେଲେ । ସଦାସର୍ବଦା ତାଙ୍କ ପାଖେପାଖେ ରଖି ଶିକ୍ଷା ଦେଉଥିଲେ । ଗୋଟିଏ ପରେ ଗୋଟିଏ ଦିବ୍ୟାସ୍ତ୍ର ଚାଳନାର କୌଶଳ ମୋତେ ହାତଧରି ଶିଖାଇ ଚାଲିଥାନ୍ତି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

ପିଲାଙ୍କୁ ଆମେ ପ୍ରସାଦ ଦେଉଛନ୍ତି ନା ଜହର ?

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍

ଗୋଟେ ମାଆ ସବୁବେଳେ ଚାହେଁ ମୋ ପିଲା ମନଖୁସିରେ ଖାଉ । ସୁସ୍ଥ ରହୁ, ନିରୋଗ ରହୁ । ତେଣୁ ମାଆମାନେ ଯେତେବେଳେ ରୋଷେଇ କରନ୍ତି ନିଜ ପିଲାର ପସନ୍ଦ ଅନୁଯାୟୀ ଖୁବ୍ ଶ୍ରଦ୍ଧାରେ ଭୋଜନ ବନେଇଥାନ୍ତି । ମାଆକୁ ହିଁ ଜଣାଥାଏ ତା ପିଲାକୁ ରାଗ, ଖଟା, ମିଠା, ପିତା କଣ ଭଲଲାଗେ, କଣ ଖରାପ ଲାଗେ । ଆଜିକାଲି ବାଧ୍ୟବାଧକତା ହେଉ କି ସଉକ୍‌ରେ ହେଉ ପ୍ରାୟ ସମସ୍ତେ ରୋଷେଇୟା ରଖିଲେଣି । ରୋଷେୟା କଣ ମାଆର ମମତା ନେଇ ଖାଦ୍ୟ ବନେଇ ପାରେ ? ସେ କେବଳ ତାର ଦାୟିତ୍ୱ ନିର୍ବାହ କରେ । ରୋଷେଇ କଲାବେଳେ ଦୁଇପ୍ରକାର ଅଧିକ କରିବାକୁ ପଡିଲେ ବିରକ୍ତ ହୋଇ ଚିଡିଚିଡା ହୁଏ । ଘରକୁ ଅଧିକ ଅତିଥି ଆସିଗଲେ ତାର କ୍ରୋଧ ଆହୁରି ବଢିଯାଏ କାରଣ ସେ ପଇସା ପାଇଁ କାମ କରେ ଆମମାନଙ୍କୁ ଖାଦ୍ୟ ଭଲ ଲାଗୁ କି ନଲାଗୁ, କେହି ଖାଉ କି ଉପାସ ରହୁ ତାକୁ କିଛି ଫରକ ପଡେନି । ତେଣୁ ଖାଦ୍ୟ ରାନ୍ଧିବା ବେଳେ ଚିଡିଚିଡା ବା ବିରକ୍ତିଭାବ ଥିଲେ ତାର ନେଗେଟିଭ ଏନର୍ଜି ବା ନକରାତ୍ମକ ପ୍ରଭାବ ଖାଦ୍ୟ ଉପରେ ପଡେ । ତାକୁ ଆମ ପିଲାମାନେ ଖାଆନ୍ତି, ଯେଉଁ ଖାଦ୍ୟ ଖୁବ୍ କଷ୍ଟ, ବିରକ୍ତିଭାବ, ଚିଡିଚିଡା ପଣକୁ ମୁଣ୍ଡରେ ରଖି ପ୍ରସ୍ତୁତ ହୋଇଥାଏ । ଖାଦ୍ୟ ଦ୍ୱାରା ଆମ ପିଲାମାନଙ୍କ ଭିତରକୁ ସେଇ ନକରାତ୍ମକ ଉର୍ଜା ଯାଇଥାଏ । ଯେଉଁଥିପାଇଁ ପିଲାର ବିଚାର ମଧ୍ୟ ନକରାତ୍ମକ ହୋଇଥାଏ । କୁହାଯାଏ 'ଯେମିତି ଅନ୍ନ ସେମିତି ମନ' । ଭଲ ମନରେ ରହିବାକୁ ଭଲ ଅନ୍ନ ଖାଇବା ଜରୁରୀ ।

ବେଳେବେଳେ ଆମେ ମଧ୍ୟ ଚିଡିଚିଡା ହୋଇ ଖାଦ୍ୟ ପ୍ରସ୍ତୁତ କରନ୍ତି ଯାହା ଆଦୌ ଠିକ୍ ନୁହେଁ କିନ୍ତୁ ଏଥିପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ । ଯଦି ଜଣେ ଗୃହିଣୀକୁ ଦିନରାତି ସବୁବେଳେ ଘରକାମ ଏକା କରିବାକୁ ପଡୁଥାଏ, ତାକୁ ଅନ୍ୟ କେହି ସାହାଯ୍ୟ ସହଯୋଗ କରୁନଥାନ୍ତି, ଘରେ ଦୀର୍ଘଦିନ ଧରି ଅଧିକରୁ ଅଧିକ ଅତିଥି ଦୀର୍ଘଦିନ ଧରି ରହୁଥାନ୍ତି ଏବଂ ସମସ୍ତଙ୍କ ପାଇଁ ଖାଦ୍ୟ ରାନ୍ଧି ରାନ୍ଧି ଜଣେ ଥକି ପଡୁଥାଏ ତ ତା ଭିତରେ ମଧ୍ୟ ଚିଡିଚିଡା ଆସିବା ସ୍ୱଭାବିକ । କାରଣ ଗୃହି

ବନ୍ଦ ହେବ କୋଭିଡ୍ କେୟାର ସେଂଟର

ଭୁବନେଶ୍ୱର,୭/୭ (ନି.ପ୍ର): କରୋନା ସଂକ୍ରମଣ ଧୀରେ ଧୀରେ ହ୍ରାସ ପାଉଥିବାରୁ ରାଜ୍ୟରେ ଚାଲୁ ରହିଥିବା ସମସ୍ତ ସରକାରୀ ଓ ବେସରକାରୀ କୋଭିଡ୍ ସେବା କେନ୍ଦ୍ରଗୁଡ଼ିକୁ ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ତେବେ କୋଭିଡ୍ ସେବା କେନ୍ଦ୍ରରେ କରୋନା ଆକ୍ରାନ୍ତ ଚିକିତ୍ସିତ ହେଉଥିଲେ ସେମାନେ ସୁସ୍ଥ ହେବା ପର୍ଯ୍ୟନ୍ତ ତାହା ଚାଲୁ ରହିବ । ଏ ସମ୍ପର୍କରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରମାନଙ୍କୁ ଏକ ପତ୍ର ଲେଖି ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦିପ୍ତ ମହାପାତ୍ର । ଏହି ପତ୍ରରେ ସମସ୍ତ ସରକାରୀ ଓ ବେସରକାରୀ କୋଭିଡ୍ ସେବା କେନ୍ଦ୍ରଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଡେଡିକେଟେଡ୍ କୋଭିଡ କେୟାର ସେଂଟର ଓ ଡେଡିକେଟେଡ କୋଭିଡ ହେଲଥ ସେଂଟରଗୁଡ଼ିକ ଖୋଲା ରହିବ ବୋଲି ସ୍ପଷ୍ଟ କରାଯାଇଛି । ଅନ୍ୟପକ୍ଷରେ ସରକାରୀ ନିୟମ ଅନୁସାରେ ଘରୋଇ ଡାକ୍ତରଖାନାଗୁଡ଼ିକ ଲକ୍ଷଣଯୁକ୍ତ କୋଭିଡ୍ ଆକ୍ରାନ୍ତମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦର ଅନୁସାରେ ଚିକିତ୍ସା କରିପାରିବେ ।

ବଂଶଧାରା ଜଳ ବିବାଦ : ଟ୍ରିବୁନାଲ ରାୟର ଗେଜେଟ ପ୍ରକାଶନକୁ ସହମତି ଦେଲାନି ଓଡିଶା

ଭୁବନେଶ୍ୱର,୭/୭ (ନି.ପ୍ର): ବଂଶଧାରା ଜଳ ବିବାଦ ଟ୍ରିବୁନାଲଙ୍କ ବିବାଦୀୟ ଆଦେଶ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଅଛି । ସର୍ବୋଚ୍ଚ ନ୍ୟାୟାଳୟ ଚୂଡ଼ାନ୍ତ ରାୟ ପ୍ରଦାନ ନକରିବା ଯାଏଁ ବଂଶଧାରା ଜଳ ବିବାଦ ଟ୍ରିବୁନାଲଙ୍କ ଦ୍ୱାରା ପ୍ରଦତ ରାୟକୁ ଗେଜେଟରେ ପ୍ରକାଶନ କରିବାପାଇଁ ଆନ୍ଧ୍ରପ୍ରଦେଶ ପକ୍ଷରୁ ଓଡିଶା ରାଜ୍ୟକୁ ସହମତି ପ୍ରଦାନ ପାଇଁ ଅନୁରୋଧକୁ ରାଜ୍ୟ ପକ୍ଷରୁ ସ୍ପଷ୍ଟ ଭାବେ ମନା କରାଯାଇଛି ବୋଲି ଓଡିଶା ରାଜ୍ୟ ଜଳସଂପଦ ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି । ବିଭାଗ ତରଫରୁ ଏ ସଂକ୍ରାନ୍ତୀୟ ଏକ ସ୍ପଷ୍ଟୀକରଣରେ କୁହାଯାଇଛି ଯେ, ବଂଶଧାରା ଜଳ ବିବାଦ ଟ୍ରିବୁନାଲ ତା ୧୩.୦୯.୨୦୧୭ ରେ ତାଙ୍କର ଚୂଡ଼ାନ୍ତ ରାୟରେ ବଂଶଧାରା ନଦୀ ଉପରେ ନେରାଡି ବ୍ୟାରେଜ ନିର୍ମାଣ ପାଇଁ ଆନ୍ଧ୍ର ପ୍ରଦେଶ ସରକାରଙ୍କୁ ଅନୁମତି ପ୍ରଦାନ କରିଥିଲେ । ଓଡିଶା ଓ ଆନ୍ଧ୍ର ପ୍ରଦେଶ ସରକାରଙ୍କ ମଧ୍ୟରେ ଆନ୍ତଃ ରାଜ୍ୟ ବୁଝାମଣାର ଗୁରୁତ୍ୱପୂର୍ଣ୍ଣ ସର୍ତ୍ତଗୁଡିକୁ ମାନ୍ୟବର ଟ୍ରିବୁନାଲଙ୍କ ଦ୍ୱାରା ଅଣଦେଖା କରାଯାଇଥିବାରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତକ୍ଷଣାତ ସ୍ୱତନ୍ତ୍ର ଲିଭ ପିଟିସନ୮୦୩୦/୨୦୧୮ତା-୧୨.୧୨.୨୦୧୭ ରେ ଦାୟର କରାଯାଇଥିଲା । ୧୩.୦୯.୨୦୧୭ ରେ ଟ୍ରିବୁନାଲଙ୍କ ଚୂଡ଼ାନ୍ତ ରାୟର ସ୍ପଷ୍ଟୀକରଣ ପାଇଁ ଓଡିଶା ପକ୍ଷରୁ ଆବେଦନ କରାଯାଇଛି । ଟ୍ରିବୁନାଲ ତାଙ୍କର ୨୧.୦୬.୨୦୨୧ ବିବରଣୀରେ ସୁସ୍ପଷ୍ଟ କରିଛନ୍ତି ଯେ, ଟ୍ରିବୁନାଲ ମୋଟାମୋଟି ଭାବେ ତାଙ୍କର ୧୩.୦୯.୨୦୧୭ର ଚୂଡ଼ାନ୍ତ ରାୟକୁ ଅକ୍ଷୁଣ୍ଣ ରଖିଛନ୍ତି , ଯାହା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱତନ୍ତ୍ର ଲିଭ ପିଟିସନର ଚୂଡ଼ାନ୍ତ ରାୟ ଉପରେ ନିର୍ଭରଶୀଳ । ଓଡିଶା ପରିସୀମା ମଧ୍ୟରେ ମିଳିତ ସର୍ବେକ୍ଷଣ ପାଇଁ ଟ୍ରିବୁନାଲଙ୍କ ୨୩.୦୯.୨୦୧୯ର ନିର୍ଦ୍ଦେଶ ବିପକ୍ଷରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ଓଡିଶା ପକ୍ଷରୁ ସ୍ୱତନ୍ତ୍ର ଲିଭ ପିଟିସନ ସଂଖ୍ୟା ୨୭୯୩୦/୨୦୧୯ ଦାୟର କରାଯାଇଛି, ଯାହାକି ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ଏବେ ମଧ୍ୟ ବିଚାରାଧୀନ ଅଛି । ଓଡିଶା ପକ୍ଷରୁ ବରିଷ୍ଠ ଓକିଲ ଗୋପାଳ ସୁବ୍ରମନ୍ୟମ ସର୍ବୋଚ୍ଚ ନ୍ୟାୟାଳୟରେ ମୋକଦ୍ଦମା ପରିଚାଳନା କରୁଛନ୍ତି । ଏଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱତନ୍ତ୍ର ଲିଭ ପିଟିସନର ଚୂଡ଼ାନ୍ତ ରାୟ ପ୍ରଦାନ ନ ହେବାଯାଏଁ ବଂଶଧାରା ଜଳ ବିବାଦ ଟ୍ରିବୁନାଲଙ୍କ ଦ୍ୱାରା ୧୩.୦୯.୨୦୧୭ରେ ପ୍ରଦତ ରାୟକୁ ଗେଜେଟରେ ପ୍ରକାଶନ ପାଇଁ ଓଡିଶା ରାଜ୍ୟକୁ ଆନ୍ଧ୍ର ପ୍ରଦେଶ ରାଜ୍ୟ ପକ୍ଷରୁ ସହମତି ପ୍ରଦାନ ନିମନ୍ତେ ଅନୁରୋଧକୁ ଓଡିଶା ପକ୍ଷରୁ ସ୍ପଷ୍ଟ ଭାବେ ମନା କରାଯାଇଥିବା ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୬୦୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୭/୭ (ନି.ପ୍ର): କମୁଛି କରୋନା ସଂକ୍ରମଣ । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୬୦୨ କରୋନା ଆକ୍ରାନ୍ତ ଚିହ୍ନଟ । ସେମାନଙ୍କ ମଧ୍ୟରୁ ୧୪୯୫ ଜଣ ସଂଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୧୦୭ ଜଣ ସ୍ଥାନୀୟ ସଂକ୍ରମିତ । ନୂଆ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ସମୁଦାୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୨୯୭୮୮ରେ ପହଞ୍ଚିଛି । ଏବେ ସୁଦ୍ଧା ସୁସ୍ଥ ହୋଇ ସାରିଲେଣି ୮୯୭୩୬୨ ଜଣ ଓ ଏବେ ବି ସକ୍ରିୟ ଅଛନ୍ତି ୨୮୦୧୫ ଜଣ । ଗତ ଦିନକ ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୯୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୬୪ ଜଣ, ବରଗଡ଼ରୁ ୧୩, ଭଦ୍ରକରୁ ୯୫, ବଲାଙ୍ଗୀରରୁ ୫, ବୌଦ୍ଧରୁ ୨୧, କଟକରୁ ୩୯୭, ଦେବଗଡ଼ରୁ ୫, ଢେଙ୍କାନାଳରୁ ୯୩, ଗଜପତିରୁ ୯, ଗଞ୍ଜାମରୁ ୮, ଜଗତ୍‌ସିଂହପୁରରୁ ୯୧, ଯାଜପୁରରୁ ୧୮୩, ଝାରସୁଗୁଡ଼ାରୁ ୨୬, କଳାହାଣ୍ଡିରୁ ୯, କନ୍ଧମାଳରୁ ୨୦, କେନ୍ଦ୍ରାପଡ଼ାରୁ ୫୯, କେନ୍ଦୁଝରରୁ ୭୨, ଖୋର୍ଦ୍ଧାରୁ ୫୨୯, କୋରାପୁଟ୍‌ରୁ ୩୨, ମାଲକାନଗିରିରୁ ୩୨, ମୟୂରଭଞ୍ଜରୁ ୧୪୧, ନବରଙ୍ଗପୁରରୁ ୧୮, ନୟାଗଡ଼ାରୁ ୬୨, ନୂଆପଡ଼ାରୁ ୫, ପୁରୀରୁ ୧୭୪, ରାୟଗଡ଼ାରୁ ୩୩, ସମ୍ବଲପୁରରୁ ୨୫, ସୋନପୁରରୁ ୧୭, ସୁନ୍ଦରଗଡ଼ରୁ ୬୪ ଓ ଷ୍ଟେଟ୍‌ପୁଲ୍‌ରୁ ୧୦୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

୬ ଲକ୍ଷ ଓଡିଆଙ୍କୁ ଘର ନଦେବାକୁ ବିଜେପିର ଷଡଯନ୍ତ୍ର : ବିଜେଡି

ଭୁବନେଶ୍ୱର,୭/୭ (ନି.ପ୍ର): ରାଜ୍ୟର ପଶ୍ଚିମ ଏବଂ ଦକ୍ଷିଣ ଓଡିଶାର ୬ ଲକ୍ଷ ଓଡିଆ ଯେଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଘର ନପାଇବେ ସେଥିଲାଗି ଷଡଯନ୍ତ୍ର ହେଉଥିବା ଆଜି ବିଜେପି ନେତା ପୃଥୀରାଜ ହରିଚନ୍ଦନଙ୍କ ସାମ୍ବାଦିକ ସମ୍ମିଳନୀରୁ ସ୍ପଷ୍ଟ ହୋଇଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଏବଂ ଲଜ୍ଜାଜନକ ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଶ୍ରୀମତୀ ଛବି ମାହାଲି । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ପ୍ରବକ୍ତା ଶ୍ରୀମତୀ ମାହାଲି କହିଛନ୍ତି ଯେ ଶ୍ରୀ ହରିଚନ୍ଦନ କାହିଁକି ଚାହୁଁନାହାଁନ୍ତି ଯେ ୬ ଲକ୍ଷ ଓଡିଆ କେବଳ ଏକ ମାସ ପାଇଁ ଆବାସ ପ୍ଲସ୍ ପୋର୍ଟାଲ୍ ଖୋଲି ସେମାନଙ୍କ ଘର ପାଆନ୍ତୁ ? ପ୍ରଥମେ, ଶ୍ରୀ ହରିଚନ୍ଦନଙ୍କ ଦଳ କେବିକେ ଯୋଜନା, ବିଆରଜିଏଫ୍ ଯୋଜନା ବନ୍ଦ କରି ଏସ୍‌ଟି ପାଣ୍ଠିକୁ ବନ୍ଦ କରିଦେଲା ଏବଂ ବର୍ତମାନ ରାଜ୍ୟର ଆଦିବାସୀ ତଥା ପଛୁଆ ଅଂଚଳ ପାଇଁ ଘର ଦେବାକୁ ବି ବନ୍ଦ କରୁଛନ୍ତି । ଯେତେବେଳେ ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ ବିଶେଷ କରି ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ଲୋକଙ୍କୁ ୬ ଲକ୍ଷ ଅଧିକ ଘର ଯୋଗାଇବାକୁ ଚାହୁଁଛନ୍ତି ସେତେବେଳେ ଶ୍ରୀ ହରିଚନ୍ଦନ ଏହାକୁ ଷଡଯନ୍ତ୍ର କରି ରୋକିବାକୁ ଚେଷ୍ଟା କରିବା ପରିବର୍ତେ ଏଭଳି ପଦକ୍ଷେପକୁ ସମର୍ଥନ କରିବା ଉଚିତ୍ । କେତେବେଳେ ଶ୍ରୀ ହରିଚନ୍ଦନ ଏବଂ ତାଙ୍କ ଦଳ ଏଭଳି ହୀନ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ଓଡ଼ିଶାର ସ୍ୱାର୍ଥ ପାଇଁ କଥା ହେବେ ବୋଲି ବିଜେଡି ପ୍ରବକ୍ତା ପ୍ରଶ୍ନ କରିଛନ୍ତି । ଆମେ ଦୃଢ ଭାବରେ ଦାବି କରୁଛୁ ଯେ ପଶ୍ଚିମ ଓ ଦକ୍ଷିଣ ଓଡିଶାର ଗରିବ ଓ ଆଦିବାସୀ ଲୋକମାନଙ୍କୁ ଘର ପାଇବାରୁ ବଂଚିତ ଲାଗି ଶ୍ରୀ ହରିଚନ୍ଦନ ଯେଭଳି ଷଡଯନ୍ତ୍ର ରଚିଛନ୍ତି ସେଥିପାଇଁ ସେ ସେମାନଙ୍କ ନିକଟରୁ କ୍ଷମା ମାଗି ନିଅନ୍ତୁ ବୋଲି ଶ୍ରୀମତୀ ମାହାଲି କହିଛନ୍ତି ।

ସୂଚନା ପ୍ରଯୁକ୍ତିକୁ ତୃଣମୂଳ ସ୍ତରରେ ପହଂଚାଇବା ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୭/୭ (ନି.ପ୍ର): ବର୍ତମାନ ଯୁଗ ହେଉଛି ଆଇଟିର ଯୁଗ । ଯେଉଁ ଦେଶ ଆଇଟି କ୍ଷେତ୍ରରେ ଯେତେ ଆଗୁଆ ସେ ଦେଶ ସେତେ ସମୃଦ୍ଧ ଦେଶ ଭାବେ ସମଗ୍ର ବିଶ୍ୱରେ ପରିଗଣିତ । ଆମ ଦେଶ ତଥା ରାଜ୍ୟର ବହୁ ଆଇଟି ଡିଗ୍ରୀଧାରୀ ବିଭିନ୍ନ ଦେଶରେ କାର୍ଯ୍ୟକରି ପ୍ରତିଷ୍ଠା ଅର୍ଜନ କରିଛନ୍ତି । ବିଗତ ବର୍ଷମାନଙ୍କ ମଧ୍ୟରେ ଆମ ରାଜ୍ୟ ଓଡ଼ିଶା ଆଇଟି କ୍ଷେତ୍ରରେ ବହୁ ଅଗ୍ରଗତି ହାସଲ କରିଛି । ତେବେ ଆଇଟି କ୍ଷେତ୍ରରେ ସଫଳତାର ଶୀର୍ଷକୁ ଯାଇ ଓଡ଼ିଶାକୁ 'ଆଇଟି ହବ୍'ରେ ପରିଣତ କରିବା ପାଇଁ ଯେଉଁ ଯୋଜନା ରହିଛି, ତାହାକୁ ପୂରଣ କରିବା ଲାଗି ଆମ ସମସ୍ତଙ୍କୁ ବଦ୍ଧପରିକର ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି କ୍ରୀଡ଼ା ଓ ଯୁବସେବା, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ କହିଛନ୍ତି । ଆଜି ସ୍ଥାନୀୟ ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ସମୀକ୍ଷା ବୈଠକ ମନ୍ତ୍ରୀ ଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫-'ଟି' ଉପକ୍ରମ ଅନୁସାରେ ବିଭାଗ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ଏଥିରେ ସାଇବର ସିକ୍ୟୁରିଟି, ଭାରତ ନେଟ୍, ମୋ ସରକାର ଯୋଗାଯୋଗ ସେଣ୍ଟର, ମୋ ସେବା କେନ୍ଦ୍ର, ଓଡ଼ିଶା-ୱାନ୍ ପୋର୍ଟାଲ୍‌ର କାର୍ଯ୍ୟଧାରା ଉପରେ ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିବା ହାସ୍ୟାସ୍ପଦ : ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର,୭/୭ (ନି.ପ୍ର): ଆବାସ ଯୋଜନା ସଂପର୍କରେ ଓଡିଶାର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଚିଠିରେ ୨ଟି କଥା ଉଲ୍ଲେଖ କରିଛନ୍ତି । ପ୍ରଥମତଃ ଓଡିଶାର ଫନିରେ ପ୍ରଭାବିତ ନହୋଇଥିବା ଅଂଚଳ ମାନଙ୍କ ପାଇଁ ଆଉ ଘରର ଆବଶ୍ୟକତା ଅଛି ଏବଂ ଦ୍ୱିତୀୟରେ ଆବାସ ସ୍ଲଟ ପୋର୍ଟାଲ ଯେଉଁଥିରେ କି ଜିଓ ଟ୍ୟାଗିଂ ସହିତ ବେନିଫିସିଆରି ମାନଙ୍କର ନାମ ଯୋଡା ହେବାର ଆବଶ୍ୟକତା ଅଛି । ସେ ଆବାସ ପୋର୍ଟାଲ ଖୋଲାନହେଉଥିବାରୁ ଓଡିଶାର ହିତାଧିକାରୀ ମାନଙ୍କର ନାମ ଯୋଡି ହୋଇପାରୁନାହିଁ ଆବାସ ପୋର୍ଟାଲରେ ସେଥିପାଇଁ ଓଡିଶା ପ୍ରଦେଶରେ ଲୋକେ ହଇରାଣ ହେଉଛନ୍ତି । ତଥ୍ୟ ନଜାଣି ମୁଖ୍ୟମନ୍ତ୍ରୀ ଏପରି ଚିଠି ଲେଖିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କଟାକ୍ଷ କରିଛନ୍ତି । ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ୨୦୧୮-୧୯ରେ ୫ ଥର ଆବାସ ସଫୁର ଉଇଣ୍ଡୋ ଓପନ ହୋଇଥିଲା । ୦୬ ଜୁଲାଇ ୨୦୧୭ ରୁ ୩୧ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ଆବାସ ସଫୁର ଉଇଣ୍ଡୋ ଖୋଲା ଥିଲା । ପ୍ରଥମଥର ପାଇଁ ୩୧ ମାର୍ଚ୍ଚ ୨୦୧୮ରୁ ୩୦ ଜୁନ୍ ୨୦୧୮ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଗଲା । ପୁଣିଥରେ ୩୦ ଜୁନ୍ ୨୦୧୮ରୁ ୩୦ ସେପ୍ଟେମ୍ବର ୨୦୧୮ ପର୍ଯ୍ୟନ୍ତ ଉଇଣ୍ଡୋ ଓପନ କରାଗଲା । ୩୦ ସେପ୍ଟେମ୍ବର ୨୦୧୮ରୁ ୩୦ ନଭେମ୍ବର ୨୦୧୮ ପର୍ଯ୍ୟନ୍ତ ଉଇଣ୍ଡୋ ଓପନ କରାଗଲା । ଶେଷରେ ୭ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ଉଇଣ୍ଡୋ ଓପନ କରାଯାଇଥିଲା । ରାଜ୍ୟ ସରକାର ଏହି ପର୍ଯ୍ୟାପ୍ତ ସମୟ ଭିତରେ ମାତ୍ର ୪୫,୯୦୩ଟି ନାଁ ଅପଲୋଡ୍ କରିଛନ୍ତି । ଫନି ବାତ୍ୟା ସମୟରେ ୩.୮୯ ଲକ୍ଷ ପ୍ରଭାବିତ ଲୋକଙ୍କୁ ଘର ଦେବାର ଆବଶ୍ୟକତା ରହିଛି ବୋଲି ଦର୍ଶାଇ ଉଇଣ୍ଡୋ ଓପନ କରିବାକୁ ରାଜ୍ୟ ସରକାର ଚିଠି ଲେଖିଥିଲେ । ଏହାକୁ ଆଧାର କରି ୨୭ ଅଗଷ୍ଟରୁ ୧୦ ସେପ୍ଟମ୍ବର ପର୍ଯ୍ୟନ୍ତ ଉଇଣ୍ଡୋ ଓପନ କରାଯାଇଥିଲା । ତଥାପି ରାଜ୍ୟ ସରକାର ହିତାଧିକାରୀଙ୍କ ନାଁ ଯୋଡି ପାରିଲେ ନାହିଁ ।

ଆବାସ ଯୋଜନାରେ ଆସିଥିବା ୮,୧୭,୦୦୦ ପକ୍କା ଘର ବଂଟନରୁ ଫନି ପ୍ରଭାବିତ ନହୋଇ ଥିବା ୧୬ଟି ଜିଲ୍ଲାରେ ରାଜ୍ୟ ସରକାର ଗୋଟିଏ ବି ଘର ତାଲିକାଭୁକ୍ତ କରିନାହାଁନ୍ତି । ସେହି ଜିଲ୍ଲାଗୁଡିକରେ ଅନେକ ଯୋଗ୍ୟ ହିତାଧିକାରୀ ଘର ପାଇବା ପାଇଁ ଅପେକ୍ଷା କରି ରହିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବରଗଡ, ବଲାଙ୍ଗିର, ବୌଦ୍ଧ, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡ ଆଦି ଜିଲ୍ଲାକୁ ଘର ଆବଂଟନ ଶୂନ ରହିଥିବାବେଳେ କେବଳ ଝାରସୁଗୁଡା ଜିଲ୍ଲାକୁ ଏହି ଯୋଜନାରେ ମାତ୍ର ୪ଟି ଘର ଆବଂଟନ କରାଯାଇଛି । ରାଜ୍ୟ ସରକାର ଏଦିଗରେ ଏପର୍ଯ୍ୟନ୍ତ କାହିଁକି ମୁହଁ ଖୋଲୁ ନାହାଁନ୍ତି ବୋଲି ଶ୍ରୀ ହରିଚନ୍ଦନ ପ୍ରଶ୍ନ କରିଛନ୍ତି ।। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବା ପାଇଁ ଗ୍ରାମ ସଭାରେ ନିଷ୍ପତି ହେବା ଦରକାର । ପ୍ରତିପଂଚାୟତରେ ଜନନିରୀକ୍ଷଣ ସମିତି କରାଯାଉ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକା ଭୁକ୍ତ କରାଯାଉ । ଏହା ସହ ସାନି ସର୍ଭେ କରି ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦିଆଯାଉ । ଅଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ବାଂଟିଲେ ରାଜ୍ୟ ସରକାର ଅସୁବିଧାରେ ପଡିବେ ବୋଲି ଶ୍ରୀ ହରିଚନ୍ଦନ ଚେତାବନୀ ଦେଇଛନ୍ତି । ଆଗାମୀ ୪୮ ଘଂଟାରେ ରାଜ୍ୟ ସରକାର ପକ୍କା ଘର ବଂଟନ ମହା ଦୁର୍ନୀତି ଉପରେ ବିଜେପି ପକ୍ଷରୁ ପଚରାଯାଇଥିବା ପ୍ରଶ୍ନର ଉତର ରଖିବାକୁ ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି ।

ମହିଳା ଓ ଶିଶୁବିକାଶ ବିଭାଗର ସଚିବ ଭାବେ ଡ. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର,୭/୭ (ନି.ପ୍ର): ଆଜି ପୂର୍ବାହ୍ନରେ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଡ. ପ୍ରମୋଦ କୁମାର ମେହେର୍ଦ୍ଦା ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଭାଗର ଅଧିକାରୀ ଓ କର୍ମଚାରୀମାନେ ନୂତନ କମିଶନରଙ୍କୁ ସ୍ୱାଗତ ଜଣାଇଥିଲେ ।

ଦାୟିତ୍ୱ ଗ୍ରହଣ କରିବା ପରେ ଡ. ମେହେର୍ଦ୍ଦା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀମାନଙ୍କ ସହ କୋଭିଡ୍ ପ୍ରୋଟୋକଲ ମଧ୍ୟରେ ବିଭାଗର ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଏବଂ ଆକ୍ସନ୍ ପ୍ଲାନ୍ ସଂପର୍କରେ ପ୍ରାରମ୍ଭିକ ଆଲୋଚନା କରିଥିଲେ । ବିଶେଷ କରି ପୋଷଣ କାର୍ଯ୍ୟକ୍ରମ, ମମତା ଯୋଜନା, ସମନ୍ୱିତ ଶିଶୁବିକାଶ ଯୋଜନା, ଅଙ୍ଗନବାଡ଼ି ସେବା ଆଦିର କାର୍ଯ୍ୟକାରିତା ସଂପର୍କରେ ଅବଗତ ହୋଇଥିଲେ । କୋଭିଡ୍ କଠିନ ପରିସ୍ଥିତିରେ ମଧ୍ୟ ବିଭାଗ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳତାର ସହ ସଂପାଦନ କରିଥିବାରୁ ସଚିବ ବିଭାଗୀୟ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ । ମହିଳା ଓ ଶିଶୁବିକାଶ ବିଭାଗ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ମହିଳା ଓ ଶିଶୁମାନଙ୍କ ନିମନ୍ତେ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଥିବା ବହୁବିଧ ଯୋଜନାକୁ ଏହି ବିଭାଗର ଅଧିକାରୀମାନେ ହିତାଧିକାରୀଙ୍କ ନିକଟରେ ପହଂଚାଇଥାନ୍ତି । ନିଜ ଶକ୍ତି ଓ ସାମର୍ଥ୍ୟର ପୂର୍ଣ୍ଣ ଉପଯୋଗ କରି ବିଭାଗ ମାଧ୍ୟମରେ ରାଜ୍ୟର ମହିଳା ଓ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାପର ଉଦ୍ୟମ କରିବାକୁ ସଚିବ ଡ. ମେହେର୍ଦ୍ଦା ପରାମର୍ଶ ଦେଇଥିଲେ । ଆଜିର ଏହି ବୈଠକରେ ବିଭାଗର ନିର୍ଦ୍ଦେଶକ, ସମାଜ କଲ୍ୟାଣ ଶ୍ରୀ ଅରବିନ୍ଦ ଅଗ୍ରୱାଲଙ୍କ ସମେତ ଅତିରିକ୍ତ ଶାସନ ସଚିବ, ଯୁଗ୍ମ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କନ୍‌ସଲଟାଂଟମାନେ ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି, ଡ. ମେହେର୍ଦ୍ଦା ମହାମାନ୍ୟ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁ

ବନମହୋତ୍ସବ ଏବଂ ପୃଥିବୀ ଗ୍ରହର ସୁରକ୍ଷା ସମ୍ପର୍କୀତ ଆଲୋଚନାଚକ୍ର

ଦାରିଦ୍ର୍ୟରୁ ସବୁ ସମସ୍ୟାର ଆରମ୍ଭ-ଏହାର ସମାଧାନ ବିନା ଦୀର୍ଘସ୍ଥାୟୀ ପ୍ରଗତି ଅସମ୍ଭବ

ଭୁବନେଶ୍ୱର,୦୭/୦୭ (ନି.ପ୍ର): ପରିବେଶ ପ୍ରସଙ୍ଗ ଆଲୋଚନା କରିଲେ ଦାରିଦ୍ର୍ୟରୁ ହିଁ ସବୁ ସମସ୍ୟା ଆରମ୍ଭ ହୁଏ ଏବଂ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ରହିଥିବା ସମସ୍ୟାଗୁଡିକର ସମାଧାନ ନହେଲେ ପରିବେଶର ସୁରକ୍ଷା ସହ ଦୀର୍ଘସ୍ଥାୟୀ ପ୍ରଗତି ଅସମ୍ଭବ ବୋଲି ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରଫେସର ଡକ୍ଟର ମଧୁମିତା ଦାସ କହିଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ଭୁବନେଶ୍ୱରଠାରେ ଥିବା ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ଏବଂ ପତ୍ରସୂଚନା କାର୍ଯ୍ୟାଳୟର ମିଳିତ ଆୟୋଜନରେ ପୃଥିବୀଗ୍ରହର ସୁରକ୍ଷା ଶୀର୍ଷକ ଏକ ୱେବିନାରରେ ଅଂଶଗ୍ରହଣ କରି ଡକ୍ଟର ଦାସ କହିଛନ୍ତି ଯେ ବିଶ୍ୱର ଜନସଂଖ୍ୟାର ଅଧାରୁ ଅଧିକ ଗରିବ ଏବଂ ପ୍ରାକୃତିକ ସମ୍ବଳ ଉପରେ ନିର୍ଭର କରନ୍ତି । ଜୀବନଧାରଣ ପାଇଁ ପ୍ରକୃତିରୁ ଖାଦ୍ୟ ଆହରଣ କରି ଜୀବିକା ପାଇଁ ମଧ୍ୟ ପ୍ରକୃତିକୁ ଧ୍ୱଂସ କରନ୍ତି । ତେଣୁ ଏହି ମାନଙ୍କର ଜୀବନଧାରଣର ମାନକୁ



ଯୋଜନାବଦ୍ଧଭାବେ ବଢାଇବା ଦ୍ୱାରା ବିଶ୍ୱର ପରିବେଶ ଏବଂ ପ୍ରକୃତିର ସୁରକ୍ଷା ସହ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ବୋଲି କହିଛନ୍ତି । ଓଡିଶା ଏନଭାରନ୍‌ମେଂଟାଲ ସୋସାଇଟିର ସମ୍ପାଦକ ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଯେ, ଆମେ ପୃଥିବୀକୁ ମା' ବୋଲି ସମ୍ବୋଧନ କରୁଥିବା ସତ୍ତ୍ୱେ ସେହିଭଳି ସମ୍ମାନ ଦେଉନାହୁଁ । ଶିକ୍ଷାୟନ କ୍ଷେତ୍ରରେ ପ୍ରାକୃତିକ ସମ୍ବଳର ମାତ୍ରାଧିକ ବ୍ୟବହାର କରୁଛୁ । ଏହାଫଳରେ ଉତ୍ପାଦନର ଲାଭ ଅପେକ୍ଷା ଉପଜାତଜନିତ କ୍ଷତି ଆମ ପାଇଁ ଅଧିକ ହୋଇପଡୁଛି । ବାୟୁ, ଜଳ ଓ ଭୂମିକୁ ଉପଜାତ ହିଁ ଦୂଷିତ କରୁଛି । ଆମେ ବର୍ତ୍ତମାନ ବ୍ୟବହାର କରୁଥିବା ପ୍ରାକୃତିକ ସମ୍ପଦ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ରହିଥିବା ଭଣ୍ଡାରରୁ ନେଉଛୁ । ଭବିଷ୍ୟତରେ ଏହା ଫଳସ୍ୱରୂପ ପିଠିରେ ଅକ୍ସିଜେନ ସିଲିଣ୍ଡର ବୋହି ଚାଲିବାକୁ ପଡିବ । ଏଥିରୁ ମୁକୁଳିବାକୁ ହେଲେ ବୃକ୍ଷରୋପଣକୁ ବ୍ୟାପକ କରି ଯୁବଗୋଷ୍ଠୀଙ୍କୁ ଏଥିରେ ସାମିଲ କରାଯିବା ଉଚିତ ବୋଲି କହିଥିଲେ । ଶିକ୍ଷାବିତ୍ ଅଞ୍ଜିତା କର ଆଲୋଚନାରେ ଅଂଶଗ୍ରହଣ କରି ଜଙ୍ଗଲ ଏବଂ ପ୍ରାକୃତିକ ପରିବେଶ ପ୍ରାଚୀନ ଭାରତର ଶିକ୍ଷାକେନ୍ଦ୍ର ଥିଲା ବୋଲି କହିଥିଲେ । ଯୌଥ ପରିବାର ଭାଙ୍ଗିବା ଦ୍ୱାରା ଏକକ ପରିବାର ହେବା ଏବଂ ଶିକ୍ଷାୟନ ଦ୍ୱାରା ବିସ୍ଥାପନ ହେତୁ ଜଙ୍ଗଲ ଉପରେ ଚାପ ବଢୁଛି । ତେଣୁ ବନୀକରଣ କାର୍ଯ୍ୟକ୍ରମକୁ ପ୍ରଚାରଧର୍ମୀ ପରିବର୍ତେ ବାସ୍ତବମୁଖୀ କରିବାକୁ କହିଥିଲେ । ଆଦିତ୍ୟ ବିର୍ଲା ଗ୍ରୁପର ଗଣଯୋଗାଯୋଗ ଏବଂ ସାମାଜିକ ଦାୟିତ୍ୱ ବୋଧ କାର୍ଯ୍ୟକ୍ରମର ମୁଖ୍ୟ ଡକ୍ଟର ବିଭୂଦତତ୍ତ ମହାପାତ୍ର ଆଲୋଚନା ପ୍ରସଙ୍ଗରେ ମନୁଷ୍ୟର ଆବଶ୍ୟକତା ଏବଂ ଲୋଭ ସମ୍ପର୍କରେ ଅନେକ ତଥ୍ୟ ଦେଇଥିଲେ । ପରିବେଶ ସୁରକ୍ଷା କ୍ଷେତ୍ରରେ ବନୀକରଣ, ବିକଳ୍ପ ଶକ୍ତିର ଉତ୍ସ ଖୋଜିବା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଥିବା ବିଭିନ୍ନ ପ୍ରସଙ୍ଗଗୁଡିକ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ଆଲୋଚନା ଆରମ୍ଭରୁ ପ୍ରାଚୀନ ଭାରତ ସଂସ୍କୃତି ସମ୍ପର୍କରେ ସୂଚନା ଦେଇଥିଲେ । ଭାରତୀୟ ପରମ୍ପରାରେ ୮୪ଲକ୍ଷ ଜୀବଙ୍କ କଥା ବିଭିନ୍ନ ସ୍ଥାନରେ ବର୍ଣ୍ଣିତ ହୋଇଥିବା ଏବଂ ସମସ୍ତଙ୍କର ସୁରକ୍ଷା ଚିନ୍ତା ଆମ ପରମ୍ପରାରେ ରହିଛି ବୋଲି କହିଥିଲେ । ଏହା ହିଁ ପରିବେଶ ସୁରକ୍ଷା ବୋଲି କହି ପ୍ରକୃତିର ଧ୍ୱଂସ ପରିବର୍ତେ ଦୀର୍ଘସ୍ଥାୟୀ ପ୍ରଗତି ପାଇଁ ସକାରାତ୍ମକ ଭାବରେ ପ୍ରକୃତିର ସୁରକ୍ଷା କଥା ଚିନ୍ତା କରିବା ଉଚିତ ବୋଲି କହିଥିଲେ । ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଆଲୋଚ୍ୟ ପ୍ରସଙ୍ଗର ସୂଚନା ଦେଇ ବର୍ତ୍ତମାନର ପରିସ୍ଥିତିରେ ବାହାରକୁ ଯିବା ପରିବର୍ତ୍ତେ ଘର ଭିତରେ ରହି ଧୈର୍ଯ୍ୟର ସହ ଅପେକ୍ଷା କରିଲେ ସମସ୍ୟାରୁ ମୁକୁବା ବାଟ ମିଳିବ ବୋଲି କହିଥିଲେ । ଅନ୍ୟମାନଙ୍କ ପାଇଁ ଅପେକ୍ଷା କରିବା ଦ୍ୱାରା ପ୍ରକୃତି ଆମ ନିକଟକୁ ଆସିପାରିବ ବୋଲି କହିଥିଲେ । କରୋନା ପରବର୍ତୀ ସମୟରେ ପରିବେଶ ସୁରକ୍ଷା ପାଇଁ ସକରାରାତ୍ମକ ଚିନ୍ତାଧାରା ଗୁରୁତ୍ୱପୂର୍ଣ୍ଣ ବୋଲି ମଧ୍ୟ ମତ ଦେଇଥିଲେ ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଅଭିଯୋଗରେ ବିଜେପିର ବ୍ଲକ ଘେରାଓ

ଭଦ୍ରକ,୦୭/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାଷ୍ଟ୍ରୀୟ ସ୍ତରର ଏକ ଜନ କଲ୍ୟାଣକାରୀ ଯୋଜନା । ଏହି ଯୋଜନାରେ ଦେଶର ଗରିବ ଲୋକଙ୍କ ମୁଣ୍ଡ ଉପରେ ପକ୍‌କା ଛାତ ପାଇଁ କେନ୍ଦ୍ର ସରକାରଙ୍କ ପରିକଳ୍ପନାକୁ ରାଜ୍ୟ ସରକାର ନିଜ ଯୋଜନା ବୋଲି କହି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । କେନ୍ଦ୍ର ସରକାର ଓଡ଼ିଶାକୁ ୨୯.୯୧ ଲକ୍ଷ ପକ୍‌କା ଘର ଦେଇସାରିଛନ୍ତି । ପୁଣି ୮.୧୭ଲକ୍ଷ ଘର ପାଇଁ ଅନୁଦାନ ମଞ୍ଜୁର ହୋଇ ସାରିଛି । କିନ୍ତୁ ରାଜ୍ୟ ସରକାର ଏହାର ଯଥାର୍ଥ କାର୍ଯ୍ୟକାରୀ ନକରି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଯୋଜନାର ବାଟମାରଣା ହେଉଛି । ରାଜ୍ୟ ସରକାର ୨୦୧୯ରେ ଯେଉଁ ଜିଓ ଟ୍ୟାଗିଂ ଓ ଘର ସର୍ବେକ୍ଷଣ କରିଥିଲେ, ସେଥିରେ ବ୍ୟାପକ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଛି । ବହୁ ଯୋଗ୍ୟ ହିତାଧିକାରୀ ଘର ପାଇ ପାରିନଥିବା ବେଳେ ଶାସକ ଦଳର ଅଯୋଗ୍ୟ ହିତାଧିକାରୀ ଘର ହାତେଇବାରେ ସମର୍ଥ ହୋଇଥିଲେ । ଏହାକୁ ନେଇ ଚ୍ୟାଲେଞ୍ଜ ହେବା ପରେ ସରକାର ବାଧ୍ୟ ହୋଇ ପୁଣି ଥରେ ସର୍ବେକ୍ଷଣ କରାଇଥିଲେ ଏବଂ ପୁଣି ଥରେ ଆବେଦନ ପାଇଁ ଦରଖାସ୍ତ ଆହ୍ୱାନ କରିଥିଲେ । ମାତ୍ର ଆବେଦନ ପତ୍ର ଗୁଡିକ ଏପର୍ଯ୍ୟନ୍ତ ଉକ୍ତ ଆବେଦନପତ୍ର ଖୋଲା ଯାଇନାହିଁ । ବରଂ ପୁରୁଣା ତ୍ରୁଟିପୂର୍ଣ୍ଣ ତାଲିକାନୁଯାୟୀ କାର୍ଯ୍ୟାଦେଶ ଦେବା ଆରମ୍ଭ ହୋଇଛି । ଯାହାକୁ ବିଜେପି ତୀବ୍ର ବିରୋଧ କରିଛି । ଆଜି ଭଦ୍ରକ ବିଧାନସଭା ନେତା ଡାକ୍ତର ପ୍ରଦିପ ନାୟକଙ୍କ ନେତୃତ୍ୱରେ ବିଜପେ ଜିଲ୍ଲା ସଭାପତି ହେମନ୍ତ ପାଢୀ, ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ଅଶୋକ ପରିଜା,ଶଶୀକାନ୍ତ ବିଶ୍ୱାଳ, ମଣ୍ଡଳସଭାପତି (ଦେବରକୁଣ୍ଡ) ପ୍ରଭାକର ସାମଲ, ଭାଗିରଥୀ ମହାକୁଡ, ରାଜକିଶୋର ଦାସ, ରଣଜିତ ପାଣିଗ୍ରାହୀ, ଶଶାଙ୍କ ଦାଶ, ମାନସ ସାମଲ, ପ୍ରହଲ୍ଲାଦ ପଣ୍ଡା, ନାରାୟଣ ପଣ୍ଡା ପ୍ରମୁଖ ଏହି ଦୁର୍ନୀତିର ନିରପେକ୍ଷ ତଦନ୍ତ, ଗୃହ ସର୍ବେକ୍ଷଣ, ଆହୁତ ଆବେଦନପତ୍ରର ଯାଞ୍ଚ କରାଇବାକୁ ଦାବି କରିଛନ୍ତି।

ସେବାୟତ ଛାତ୍ର ବୃତ୍ତି ଯୋଜନାରେ ୧୪ ପୁରସ୍କୃତ

ପୁରୀ,୦୭/୦୭ (ନି.ପ୍ର): ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବକମାନଙ୍କ ପାଇଁ ଆରମ୍ଭ ହୋଇଥିବା ଛାତ୍ର ବୃତ୍ତିଯୋଜନାରେ ୧୪ ଜଣ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି । ନିଳାଦ୍ରୀ ଭକ୍ତ ନିବାସଠାରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଡ଼କ୍ଟର କ୍ରିଷନ୍ କୁମାର ପ୍ରତ୍ୟେକ କୃତୀଛାତ୍ର ଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ସହିତ ଶ୍ରୀପୁରୁଷୋତ୍ତମ ପୁସ୍ତକ ପ୍ରଦାନ କରିଥିଲେ । ଗତ ବର୍ଷ ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ୫ଜଣ ଛାତ୍ର ଛାତ୍ରୀ ଓ ଦ୍ୱାଦଶ ପରୀକ୍ଷାରେ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୯ଜଣ ଛାତ୍ର ଛାତ୍ରୀଙ୍କୁ ଏହି ପ୍ରୋତ୍ସାହନ ରାଶି ପ୍ରାଦନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ପରିଚାଳନ କମିଟିର ପୂର୍ବତନ ସଦସ୍ୟ ତଥା ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତଥିଲେ ।

୧୮୦ ଲିଟର ଦେଶୀ ମଦ ସହ ୪ ଗିରଫ

ଜଳେଶ୍ୱର ୭/୭(ନି.ପ୍ର) : ଜିଲା ଅବକାରୀ ଏସ୍‌ପି ସେଖ ଆସିଫ ଅଲ୍ଲୀଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ମିଳିତ ଚଢାଉ କରାଯାଇଥିଲା । ଏଥିରେ ୧୮୦ ଲିଟର ବେଆଇନ୍ ଦେଶୀ ମଦ ଶହ ୪ଜଣଙ୍କୁ ଗିରଫ କରାଯାଇଛି । ଏଥିରେ ସଂପୃକ୍ତ ଏକ ବାଇକ୍ ମଧ୍ୟ ଜବତ୍ କରାଯାଇଛି । ମହମ୍ମଦନଗରପାଟଣାର ବୁଦ୍ଧିରାମ ମାରାଣ୍ଡି, ଗୋବରଘଟାର ଭାନୁ ଟୁଡୁ, ସାକିର ସେଖ, ଗଂଗାଧର ମହାପାତ୍ର ଙ୍କୁ ଗରିଫ କରାଯାଇଛି । କେସ୍ ନଂ ୪୪, ୪୫, ୪୬/୨୧ ମୂଳେ କେସ୍ ରୁଜୁ କରାଯାଇ ଆସାମୀ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ । ଏହି ଚଢାଉରେ ଓଆଇସି ଦେବେନ୍ଦ୍ର ବେହେରା, ରାମଚନ୍ଦ୍ର ମହାନ୍ତି, ପିଙ୍କି ମାରାଣ୍ଡି ପ୍ରମୁଖ ସାମିଲ ଥିଲେ ।

ବାଲିଆପାଳରେ ମୋ ସ୍କୁଲ ଅଭିଯାନ ସମୀକ୍ଷା ବୈଠକ

ବାଲିଆପାଳ,୦୭/୦୭ (ନି.ପ୍ର): ବାଲିଆପାଳ ବ୍ଲକରେ ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନ ଏବଂ ୫ଟି ଯୋଜନାରେ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟକ୍ରମ ସମ୍ପର୍କୀତ ଏକ ସମୀକ୍ଷାବୈଠକ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲାଶିକ୍ଷାଅଧିକାରୀ ରଞ୍ଜନ କୁମାର ଗିରିଙ୍କ ସହ ଶିକ୍ଷାବିଭାଗର ଏକ ଟିମ ବାଲିଆପାଳ ଗସ୍ତରେ ଆସି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନକରି ମୋ ସ୍କୁଲ ଆଭିଯାନରେ ହୋଇଥିବା ବିଭିନ୍ନ କାର୍ଯ୍ୟତଦାରଖ କରିବା ସହ ଏହାର ସମୀକ୍ଷା କରିଛନ୍ତି ।ସୁରଡିହା ନୋଡାଲ ୟୁପି ସ୍କୁଲ ପରିସରରେ ମୋ ସ୍କୁଲ ଅଭିଯାନ ସମ୍ପର୍କୀତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।ବ୍ଲକ ଶିକ୍ଷାଅଧିକାରୀ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲା ଶିକ୍ଷାଅଧିକାରୀ ନାରାୟଣ ଦାସ,ସହ ଜିଲ୍ଲାଶିକ୍ଷାଅଧିକାରୀ ପ୍ରାଚୀତନୟା ଗିରି, ପବିତ୍ର ମୋହନ ବାରିକ, ଧରଣୀଧର ପାତ୍ର ,ମୋସ୍କୁଲ ଅଭିଯାନର କୋଡିନେଟର ସଞ୍ଜିବ କୁମାର ଖଟୁଆ,ବିଆରସିସି ଦୁଃଖିଶ୍ୟାମ ଦାସ,ଏବିଇଓ ନମିତପ୍ରଭା ସାମଲ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବିଦଦ୍ୟାଳୟର ପ୍ରଧାନଶିକ୍ଷକ, ଉପସ୍ଥିତ ସିଆରସିସିଙ୍କ ସହ ମୋସ୍କୁଲ ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ, ଅନଲାଇନ ପାଠପଢା, ମଧ୍ୟାହ୍ନଭୋଜନ ଯୋଜନା କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ ।ପରେ ଏହି ଟିମ ୫ଟି ଯୋଜନାରେ ଅନ୍ତର୍ଭୂକ୍ତ ଉତ୍କର୍ଷ ବିଦ୍ୟାଳୟ କେସି ହାଇସ୍କୁଲ ନାରାୟଣପୁର କୁ ଯାଇ ସମସ୍ତ କାର୍ଯ୍ୟକ୍ରମ ତଦାରଖ କରିବା ସହ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁଚରଣ ଗିରି ,ପରିଚାଳନା କମିଟି ସଦସ୍ୟ ସଦସ୍ୟା ତଥା ବହୁ ବୁଦ୍ଧିଜିବୀ ଓ ଗ୍ରାମବାସୀ ଉପସ୍ଥିତ ରହି ଜିଲ୍ଲାଶିକ୍ଷାଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ କାଳିଆ।ଖିଆ ନରେନ୍ଦ୍ରନାଥ ନୋଡାଲ ୟୁପିସ୍କୁଲ ପରିସରରେ ଏକ ବୃକ୍ଷରୋପଣ କା।ାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ନବ ନିଯୁକ୍ତ ବିଜୁ ମହିଳା ଜନତା ଦଳର କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା,୦୭/୦୭ (ନି.ପ୍ର): ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କର ପ୍ରସ୍ତାବ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ଅନୁମୋଦନକ୍ରମେ ମୟୂରଭଞ୍ଜ ଜିଲ୍ଲାରେ ବିଜୁ ମହିଳା ଜନତା ଦଳ ପୁର୍ନଗଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଆଜି ବିଜୁ ଭବନଠାରେ ପୂର୍ବତନ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କର ଆବାହକତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଡଃ ଦେବାଶିଷ ମାରାଣ୍ଡି ସଭାପତିତ୍ୱ କରିଥିଲେ । ରାଜ୍ୟ ଖଦି ବୋର୍ଡ ନିର୍ଦ୍ଦେଶକ ସରୋଜ କୁମାର ବୋଷଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, କରଂଜିଆ ବିଧାୟକ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ଉପ-

ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ରାଜ୍ୟ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ରାଜ୍ୟ ବିଜେଡି ସମ୍ପାଦକ କୃଷ୍ଣ ଚନ୍ଦ୍ର ଦାସ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦିକା ବିଷ୍ଣୁପ୍ରିୟା ଦାସ, ଜିଲ୍ଲା ଯୁବ ବିଜେଡି ସଭାପତି ଅରୁଣ ବରାଡ, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୁନୀଲ କୁମାର ନାୟକ ପ୍ରମୁଖ ଉଦ୍‌ବୋଧଡ଼ ଦେଇ ନବ ନିଯୁକ୍ତ କର୍ମକର୍ତ୍ତାମାନଙ୍କ ନେତୃତ୍ୱରେ ମହିଳା ସଂଗଠନ ସୁଦୃଢ ହେବ ବୋଲି ମତବ୍ୟକ୍ତ କରିଥିଲେ । ଜୋନାଲ ସଭାପତି ବୀଣାପାଣି ସାହୁ, ଜିଲ୍ଲା ମହିଳା ସଭାପତି ଦିପ୍ତୀଲତା ମିଶ୍ର, କାର୍ଯ୍ୟକାରୀ ସଭାପତି ସବିତା ହାଁସଦା, ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରାବଣୀ ଦାସ, ସବିତା ବେହେରା, ସମ୍ପା ମଜୁମଦାର, ସୀମା ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଭାରତୀ ହାଁସଦା, ଶତଦଳ ମହାନ୍ତ ପ୍ରମୁଖଙ୍କୁ ଏହି ଅବସରରେ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଉପ-ନଗରପାଳ ଦୁର୍ଗାମଣି ଆଚାର୍ଯ୍ୟ, ଜିତେନ୍ଦ୍ର ମହାନ୍ତି, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଭାତ ନାୟକ, ରାଜ୍ୟ ବିଜେଡି ସମ୍ପାଦକ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତି, ଅନନ୍ତ ଦାସ, ସରୋଜ ମହାପାତ୍ର, ନିରୋଜ ସାହୁ, ଦେବାଶିଷ ଦାସ, ସନ୍ତୋଷ ପଟ୍ଟନାୟକ, ଦର୍ପନାରାୟଣ ପାଲ, ଗୀତାରାଣୀ ବେହେରା, ରତ୍ନାକର ବେହେରା, ମହେଶ ଭଂଜଦେଓ, ପର୍ଣ୍ଣାନନ୍ଦ ପରିଡା, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ରାଜୀବ ଜେନା, ରାଜ୍ୟ ଛାତ୍ର ସମ୍ପାଦକ ଅଭୟ ସିଂ, ନାରୀନେତ୍ରୀ ଦ୍ରୌପଦୀ ସାହୁ, କମଳା ଭଂଜ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରମୋଦ ମଲ୍ଲିକ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି

ଭୁବନେଶ୍ୱର,୦୭/୦୭:ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ବରିଷ୍ଠ ସୂଚନା ସେବା ଅଧିକାରୀ ଡଃ ପ୍ରମୋଦ କୁମାର ମଲ୍ଲିକଙ୍କୁ ଅତିରିକ୍ତ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ଦିଆଯାଇଛି । ସେ ଏହା ପୂର୍ବରୁ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ । ବୁଧବାର ସେ ନୂତନ ପଦବୀରେ ଯୋଗଦାନ କରିଛନ୍ତି । ବିଭାଗୀୟ କାର୍ଯ୍ୟରେ ଦୀର୍ଘ ଦିନର ଅଭିଜ୍ଞତା ରହିଥିବା ଡଃ ମଲ୍ଲିକ ପୂର୍ବରୁ ମାଲକାନଗିରି, ରାୟଗଡା,କୋରାପୁଟ, କେଉଁଝର, ବାଲେଶ୍ୱର, କଟକ, ସମ୍ବଲପୁରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ କେନ୍ଦ୍ରାଂଚଳ (କଟକ)ଓ ଦକ୍ଷିଣାଂଚଳ (ବ୍ରହ୍ମପୁର)ର ବିଭାଗୀୟ ଉପ ନିର୍ଦ୍ଦେଶକ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ମୁଖ୍ୟମନ୍ତ୍ରୀଙ୍କ କୋଭିଡ ସହାୟତା....

ବୋଲି ଜଣାପଡିଛି । ଆଦିମ ଜନଜାତି ଗାଁ ମାନଙ୍କରେ୧୮ ଟି ଆମ୍ବୁଲାନ୍ସ ସହିତ କୋଭିଡ ପରିଚାଳନାକୁ ତ୍ୱରାନ୍ୱିତ କରାଯାଇଛି ବୋଲି ସୂଚନା ଦିଆଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରି କହିଛନ୍ତି, "ମୁଁ ବହୁତ ଖୁସି ଯେ ଆଜି ଆପଣଙ୍କ ବ୍ୟାଙ୍କ ଖାତାରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଭାବରେ ୫୦୦୦ ଟଙ୍କା ଜମା କରାଗଲା । ରାଜ୍ୟର ସବୁ ଆପଦଗ୍ରସ୍ତ ଆଦିମ ଜନଜାତି ଗାଁ ର ପରିବାର ଏହି ସହାୟତା ପାଇବେ । ଆମର ଆଦିମ ଜନଜାତି ଭାଇ ଭଉଣୀଙ୍କ ମଧ୍ୟରୁ ୩୦୦ ରୁ ଅଧିକ ଲୋକ କରୋନାରେ ପୀଡିତ ଥିଲେ । ସେତେବେଳେ ସେମାନଙ୍କୁ ୨୫୦୦ ଟଙ୍କାର ରେସନ କିଟ୍ ଦିଆଯାଇଥିଲା । ତା ସହିତ ମଜୁରୀ କ୍ଷତି ଭରଣା ପାଇଁ ୧୪୦୦ ଟଙ୍କା ଲେଖାଏଁ ଦିଅଯାଇଥିଲା । ସେହିପରି ଏସସି ଏବଂ ଏସଟି ଛାତ୍ର ଛାତ୍ରୀଙ୍କ ବୃତ୍ତି ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କରୋନା ଯୋଗୁଁ

ବାଲେଶ୍ୱର ଗୁରୁବାର, ୦୮ ଜୁଲାଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଓଡ଼ିଶା ପାଇଁ ମଧ୍ୟାହ୍ନ ଭୋଜନ ବାର୍ଷିକ ଅଟକଳ ମଂଜୁରୀ

ଭୁବନେଶ୍ୱର, ୦୭ ଜୁଲାଇ - ଓଡ଼ିଶା ରାଜ୍ୟ ପାଇଁ ମଧ୍ୟାହ୍ନ ଭୋଜନ ବାର୍ଷିକ ଅଟକଳ ଓ ଯୋଜନା ବୈଠକ ଶିକ୍ଷା ବିଭାଗ, ଭାରତ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ସରକାରଙ୍କ ଶିକ୍ଷା ବିଭାଗ ତରଫରୁ ବିଭାଗୀୟ ସଚିବ ଶ୍ରୀମତୀ ଅନିତା କରୱାଲ୍ ସଭାପତିତ୍ୱ କରିଥିଲେ। ଯୁଗ୍ମ ସଚିବ ରାମଚନ୍ଦ୍ର ମୀନା, ନିର୍ଦ୍ଦେଶକ ବିଜୟ ଭାସ୍କର ଗୁରାଲା ଓ ଅନ୍ୟ ପଦାଧିକାରୀମାନେ ରହି ଓଡ଼ିଶା ମଧ୍ୟାହ୍ନ ଭୋଜନ ପରିଚାଳନା ଓ ବାର୍ଷିକ ଅଟକଳର ଆଲୋଚନାରେ ଭାଗ ନେଇଥିଲେ। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ରାଜ୍ୟ ନୋଡାଲ ଅଧିକାରୀ (ମଧ୍ୟାହ୍ନ ଭୋଜନ) ବଜେଟ୍ ଉପସ୍ଥାପନ କରିବା ସହିତ ରାଜ୍ୟରେ ପ୍ରଚଳିତ ଥିବା ବିଭିନ୍ନ ଅଭିନବ ପଦକ୍ଷେପକୁ ଉପସ୍ଥାପନ କରିଥିଲେ। ଶିକ୍ଷା ସଚିବ ଶ୍ରୀମତୀ ଅନିତା କରୱାଲ୍ ଓଡ଼ିଶାର ମଧ୍ୟାହ୍ନ ଭୋଜନ ସଚେତନତା ମେଳା, ରକ୍ତହୀନତା ଦୂରୀକରଣ ଅଭିଯାନ, ମଲ୍ଟି ଟ୍ୟାପ୍ ମଲ୍ଟି କ୍ୟାପ୍ ହାତଧୁଆ ଯୋଜନା, କିଚେନ୍ ଗାର୍ଡେନ୍, ରନ୍ଧନ ଗ୍ୟାସ ସଂଯୋଗ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ମଧ୍ୟାହ୍ନ ଭୋଜନ ପରିଚାଳନାରେ ଭୂମିକା, ମଧ୍ୟାହ୍ନ ଭୋଜନର ଗୁଣବତା ଓ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ବିଶ୍ୱ ଖାଦ୍ୟ ସଂଗଠନ, ୟୁନିସେଫ୍, ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ଟ୍ରଷ୍ଟ, ମାନ୍ନା ଟ୍ରଷ୍ଟ ଇତ୍ୟାଦିଙ୍କର ସହଭାଗିତାକୁ ଉଚ୍ଚ ପ୍ରଶଂସା କରିଥିଲେ। ଓଡ଼ିଶା ତରଫରୁ ଉପସ୍ଥାପନ କରାଯାଇଥିବା ୧୦୬୨ କୋଟି ଟଙ୍କାର ମଧ୍ୟାହ୍ନ ଭୋଜନ ବାର୍ଷିକ ଆର୍ଥିକ ଅଟକଳ ଯୋଜନାକୁ ବିଚାରକୁ ନେଇ ଯଥାଶୀଘ୍ର ଶିକ୍ଷା ବିଭାଗ, ଭାରତ ସରକାର ପଦକ୍ଷେପ ନେବେ ବୋଲି ସହମତି ପ୍ରକାଶ କରିଛନ୍ତି । ଏତଦ୍ ବ୍ୟତୀତ ଓଡ଼ିଶାରେ ଏସ୍ ସିଇଆରଟି ତରଫରୁ ନିଆଯାଇଥିବା ପଦକ୍ଷେପ 'ଶିକ୍ଷାନବିଶମାନଙ୍କର ବିକଳ୍ପ ଇଂଟର୍ଣ୍ଣସିପ୍ ପ୍ରୋଗ୍ରାମ'କୁ ଏକ ପ୍ରଶଂସନୀୟ ପ୍ରୟାସ ବୋଲି ଅଭିହିତ କରିଥିଲେ। ଭାରତ ସରକାରଙ୍କ ଦ୍ୱାରା ତିଆରି ହେବାକୁ ଥିବା କରିକୁଲମ୍ ରେ ଓଡ଼ିଶାକୁ ଅଗ୍ରଣୀ ଭୂମିକା ନେବାକୁ ଆହ୍ୱାନ ଦେଇଥିଲେ।

ଅଗ୍ରାଧିକାର ଭିତ୍ତିରେ କୋଭିଡ ଟିକା ପ୍ରଦାନ ଦାବି

ବାଲେଶ୍ୱର,୦୭/୦୭ (ନି.ପ୍ର): କରୋନା ମହାମାରୀ ସମୟରେ ସମସ୍ତ ପରିବାରର ଆୟ ହ୍ରାସ ପାଇଥିବାବେଳେ ଓ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ସମେତ ଜୀବନ ରକ୍ଷାକାରୀ ଔଷଧର ଅହେତୁକ ଦରବୃଦ୍ଧିକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବରିଷ୍ଠ ନାଗରିକମାନେ। ଏହି ପରିପ୍ରେକ୍ଷୀରେ ଜିଲା ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ ସହ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଅନ୍ତର୍ଯ୍ୟାମୀ ପ୍ରଧାନ, ନିରଞ୍ଜନ ପରିଡ଼ା, ସୀତାରାମ ପ୍ରଧାନ, ବିଷ୍ଣୁପ୍ରସାଦ ମହାନ୍ତି, ଗୌରାଙ୍ଗ ପାଣିଗ୍ରାହୀ, ଦାମୋଦର ନାୟକ ପ୍ରମୁଖ ଏଥିରେ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ମଞ୍ଚର ଜିଲା ସମ୍ମିଳନୀ କରୋନା ମହାମାରୀ କଟକଣା କୋହଳ ହେବା ପରେ ଆସନ୍ତା ଅକ୍ଟୋବର ୧ ତାରିଖ କିମ୍ବା ୧୦ ତାରିଖ ଦିନ ସ୍ଥାନୀୟ ଗାନ୍ଧିସ୍ମୃତି ଭବନରେ ଆୟୋଜନ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରଶାସନ ଦ୍ୱାରା ଚୟନ ହୋଇଥିବା ଜମିରେ ଅସହାୟ ଓ ଶାରୀରିକ ଅକ୍ଷମ ବୃଦ୍ଧ ବୃଦ୍ଧାଙ୍କ ଥଇଥାନ ଓ ପୁନର୍ବାସ କେନ୍ଦ୍ରର ନିର୍ମାଣ ତୁରନ୍ତ ଆରମ୍ଭ କରିବା ପାଇଁ ବୈଠକରେ ଦାବି ହୋଇଥିଲା। ପରିବାରର ଉପେକ୍ଷିତ ବୟସ୍କଙ୍କୁ ନ୍ୟାୟ ପ୍ରଦାନ ପାଇଁ ବାଲେଶ୍ୱରରେ ପ୍ରତିଷ୍ଠିତ ଟ୍ରିବୁନାଲ ଅଦାଲତଟି ଗତ ଦୁଇବର୍ଷ ଧରି ବନ୍ଦ ହୋଇଯିବାକୁ ନେଇ ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ବିଶେଷ କରି କରୋନା ପ୍ରଭାବରେ ଲୋକଙ୍କ ଆୟ ହ୍ରାସ ପାଇଥିବା ବେଳେ ଅତ୍ୟାବାଶ୍ୟକ ସାମଗ୍ରୀ ସମେତ ଔଷଧର ଦରବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି ବୋଲି ଉପସ୍ଥିତ ସଦସ୍ୟମାନେ ମତ ଦେଇଥିଲେ। ଏ କ୍ଷେତ୍ରରେ ବରିଷ୍ଠ ନାଗରିକଙ୍କୁ ଦିଆଯାଉଥିବା ମାସିକ ଭତ୍ତା ଦୁଇହଜାରକୁ ବୃଦ୍ଧି, ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଭିତ୍ତିରେ କରୋନା ପ୍ରତିଷେଧକ ଟିକା ଦେବା, ଗ୍ରାମାଞ୍ଚଳରେ ଏକାକୀ ବସବାସ କରୁଥିବା ବରିଷ୍ଠ ନାଗରିକମାନଙ୍କ ଧନ ଓ ଜୀବନର ସୁରକ୍ଷା ପାଇଁ ସରକାର ଉଚିତ ପଦକ୍ଷେପ ନେବାକୁ ଏହି ବୈଠକରେ ଦାବି ହୋଇଥିଲା। ଶ୍ୟାମସୁନ୍ଦର ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଗାଈଗୋଠ ନିର୍ମାଣ ଶେଷ : ଆଜି ରଥରେ ପଡ଼ିବ କନା

ପୁରୀ,୦୭/୦୭ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ କୋଭିଡ଼ କଟକଣା ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଆଜି ତିନିରଥର ଠେକେରାବାଡ଼ରେ ସଖୀ ନିର୍ମାଣ ଶେଷ ହୋଇଛି। ଏଥିସହ ସିଂହାସନ ଚାରିପଟେ ଗାଈଗୋଠ ନିର୍ମାଣ ମଧ୍ୟ ଶେଷ ହୋଇଛି। ଏଥିସହ ତିନି ରଥର ପ୍ରଭାରେ ରଙ୍ଗ ଚିତ୍ର କାମ ଶେଷ ହୋଇଛି। ଆସନ୍ତାକାଲି ରଥରେ କନା ପଡ଼ିବା ଆରମ୍ଭ ହେବ ବୋଲି ଦରଜୀ ସେବକ ପ୍ରକାଶ ମହାପାତ୍ର ସୂଚନା ଦେଇଛନ୍ତି। ଆଜି କରତି ସେବକମାନେ ମୋଡ଼ ଦଉଡ଼ି ପାଇଁ ୩୮ ଗୋଟି ତାଳ ଫାଳି ଭେଇ ସେବକଙ୍କୁ ଯୋଗାଇଦେଇଛନ୍ତି। ଦରଜୀ ସେବକମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପର ପ୍ରକୋଷ୍ଠରେ ସାରଥୀଙ୍କ ପାଇଁ ପୋଷାକ ନିର୍ମାଣ ଶେଷ କରି ମହାପ୍ରଭୁଙ୍କ ଲାଗି ଅପସର ତକିଆ ନିର୍ମାଣ ଆରମ୍ଭ କରିଛନ୍ତି।

ଅବକାରୀ ବିଭାଗ ପକ୍ଷରୁ ଚଢାଉ : ବ୍ୟାପକ ପରିମାଣର ମହୁଲ ପୋଚ ଓ ଦେଶୀମଦ ଜବଦ

ବାରିପଦା,୦୭/୦୭ (ନି.ପ୍ର): ଅବକାରୀ ବିଭାଗ ତରଫରୁ ଚଢାଉ କରାଯାଇ ବ୍ୟାପକ ପରିମାଣର ମହୁଲ ପୋଚ ଓ ଦେଶୀମଦ ଜବଦ କରାଯାଇଛି । ଅବକାରୀ ଅଧିକ୍ଷକ ଅଶୋକ ସେଠଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ସଦର ଅବକାରୀ ଇନସ୍ପେକ୍ଟର ବିକାଶ ଟପ୍ପୋ, ଉଦଳା ଇନସ୍ପେକ୍ଟର ଅଭିରାମ ସାହୁ, ସଦର ଓଆଇସି ତଥା ମୋବାଇଲ ଟିମ ଇନଚାର୍ଯ୍ୟ ନିରଞ୍ଜନ ସାହୁଙ୍କ ନେତୃତ୍ୱରେ ମୋବାଇଲ ଟିମର ସଦଶ୍ୟ ଏଏସଆଇ ଦେବେନ୍ଦ୍ର କୁମାର ବେହେରା, କନେଷ୍ଟବଳ ଜଗନ୍ନାଥ ଜେନା, ମକରା ସରଦାର, ଚନ୍ଦ୍ରକାନ୍ତ ମୁଦୁଲି, ବିଶ୍ୱଜିତ ବେହେରା, ମମତା ବାରିକ, ସଦର ଏଏସଆଇ କ୍ଷିରୋଦ ପାତ୍ର, ମନୋରଞ୍ଜନ ସିଂହ, ହେମାଲି ପାତ୍ର, ବେତନଟି ଏଏସଆଇ ରବିନାରାୟଣ ରଣା, କାଶିନାଥ ସୋରେନ, ଦେଉଳି ଏଏସଆଇ ଶ୍ରୀନାଥ ଦତ, ସୀତା ମୁର୍ମୁ ପ୍ରମୁଖ ବିଭିନ୍ନ ସ୍ଥାନରେ ଆଜି ଭୋର ସମୟରୁ ଅଚାନକ ଚଢାଉ କରି ବଡସାହି ଯଦୁନାଥପୁର ଓ ମଧୁପୁର ଅଂଚଳରୁ ୫୬୦୦ କିଲୋ ମହୁଲପୋଚ ଏବଂ ୧୫୦ ଲିଟର ଦେଶୀ ମଦ ଜବଦ କରାଯିବା ସହିତ ୨ଟି କେସ ରୁଜୁ କରିଥିବାର ଜଣା ଯାଇଛି । ତେବେ କରୋନା କଟକଣା ଜନିତ ଲକଡାଉନ ସମୟରେ ଜିଲ୍ଲାରେ ମହୁଲି ତଥା ଦେଶୀ ମଦର ବେଆଇନ ଉତ୍ପାଦନ ଓ ବେପାର ବୃଦ୍ଧି ପାଉଥିବାର ଦେଖା ଯାଉଥିବା ବେଳେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ ବିଭିନ୍ନ ସମୟରେ ଚଢାଉ କରି ବହୁ ପରିମାଣର ପୋଚ ଓ ରନ୍ଧା ମଦ ଜବଦ କରୁଥିବାର ଦେଖାଯାଉଛି ।

ବିଜୁ ମହିଳା ଜନତା ଦଳର ୭୨ତମ ବନମହୋତ୍ସବ ପାଳନ

ବାରିପଦା,୦୭/୦୭ (ନି.ପ୍ର): ବୃକ୍ଷରୋପଣର ଗୁରୁତ୍ୱ ଓ ପରିବେଶ ଉପରେ ଏହାର ପ୍ରଭାବ ଉପରେ ବ୍ୟାପକ ସଚେତନତା ପାଇଁ ପ୍ରତିବର୍ଷ ମୌସୁମୀର ପ୍ରାରମ୍ଭରେ ଦେଶ ବ୍ୟାପି ବନମହୋତ୍ସବ ପାଳନ କରାଯାଇ ଆସୁଅଛି। ମନୁଷ୍ୟର ଜୀବନ ଓ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ । ସୁଷମ ଖାଦ୍ୟ ସ୍ୱଚ୍ଛଜଳ ଓ ପ୍ରଦୂଷଣମୁକ୍ତ ବାୟୁର ଆବଶ୍ୟକତାକୁ ବୃକ୍ଷହିଁ ପୂରଣକ ରିଥାଏ । ସେହି ପରିପ୍ରେକ୍ଷିରେ ଆଜି ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଦିପ୍ତିଲତା ମିଶ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଏମ.କେ.ସି. ହାଇସ୍କୁଲଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡାକ୍ତର ଦେବାଶିଷ ମାରାଣ୍ଡି, ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଛବି ମାହାଲି, କୃଷ୍ଣଚନ୍ଦ୍ର ଦାସ, ପ୍ରଭାତ ନାଏକ, ବିଣାପାଣୀ ସାହୁ, ସବିତା ବେହେରା, ପ୍ରତିନନ୍ଦା କାନୁନଗୋ, ଛାତ୍ରସଭାପତି ସୁନୀଲ ନାୟକ, ଅନନ୍ତ ଦାସ, ପ୍ରଭାତ ମହାଂତି, ପୁର୍ଣ୍ଣାନନ୍ଦ ପରିଡା, ଦ୍ରୌପଦୀ ସାହୁ, ରେହେନା ସୁଲତାନ୍, ସୟେଦ୍ ଫିରଜୁଦ୍ଦିନ୍, ସଫିନାବିବି, ସଞ୍ଜୁକ୍ତା ଭୁଜବଳ, ସୁରଭି ଦାସ, ଶ୍ରାବଣୀ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଦିଲ୍ଲୀପ କୁମାରଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଶୋକ

ନୂଆଦିଲ୍ଲୀ,୦୭/୦୭ (ନି.ପ୍ର): ବଲିଉଡ୍ ଅଭିନେତା ଦିଲୀପ କୁମାରଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ 'ଜଣେ ସିନେମା କିମ୍ବଦନ୍ତୀ ଭାବରେ ଦିଲୀପ କୁମାର ଜୀଙ୍କୁ ସ୍ମରଣ କରାଯିବ। ସେ ଅପୂର୍ବ ଉଜ୍ଜ୍ୱଳ ବ୍ୟକ୍ତିତ୍ୱର ଆଶୀର୍ବାଦ ଲାଭ କରିଥିଲେ। ଯେଉଁଥି ପାଇଁ ପିଢ଼ି ପରେ ପିଢ଼ି ତାଙ୍କୁ ଦର୍ଶକ ମନେ ରଖି ଚାଲିଲେ। ତାଙ୍କର ଦେହାନ୍ତ ଆମ ସାଂସ୍କୃତିକ ଦୁନିଆ ପାଇଁ ଏକ କ୍ଷତି। ତାଙ୍କ ପରିବାର, ବନ୍ଧୁ ଏବଂ ଅସଂଖ୍ୟ ପ୍ରଶଂସକଙ୍କୁ ସମବେଦନା। ଆତ୍ମାର ସଦ୍‌ଗତି ହେଉ।'

ଦରବୃଦ୍ଧି ବିରୋଧରେ କଂଗ୍ରେସର ବ୍ଲକ ଘେରାଓ

ବାଲେଶ୍ୱର,୦୭/୦୭ (ନି.ପ୍ର): ଲଗାତର ଦେଶରେ ପେଟ୍ରୋଲ ଓ ଡିଜେଲ ସହ ଗ୍ୟାସ, ଖାଇବା ତେଲ, ପନିପରିବା ପ୍ରଭୃତିର ଆଶାତୀତ ମୂଲ୍ୟବୃଦ୍ଧିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଥିବା ବେଳେ ଏବେ ଆନ୍ଦୋଳନମୁଖୀ ହୋଇଛି କଂଗ୍ରେସ। ଅଖିଳ ଭାରତୀୟ କଂଗ୍ରେସ କମିଟିର ଆହ୍ୱାନ ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ଓଡ଼ିଶାର ସମସ୍ତଜିଲାରେ ବ୍ଲକସ୍ତରରେ ବିରୋଧ କରାଯାଇଥିବା ବେଳେ ବାଲେଶ୍ୱର ସଦର ବ୍ଲକରେ ବି ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସଦର କଂଗ୍ରେସର ଶତାଧିକ କର୍ମୀ ଓ ସମର୍ଥକମାନେ ମିଶନ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରୁ ସଦର ବ୍ଲକ ସମ୍ମୁଖରେ ପହଂଚିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ ଓ ପ୍ରଫେସନାଲ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷା ତଥା ସଦର ନେତ୍ରୀ ମମତା କୁଣ୍ଡୁ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦରବୃଦ୍ଧି ନିୟନ୍ତ୍ରଣରେ ବିଫଳତାକୁ ତୀବ୍ର ସମାଲୋଚନା କରିଥିଲେ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳଦର ପ୍ରତି ବ୍ୟାରେଲ ୬୦ରୁ ୭୦ ଡଲାରରେ ବିକ୍ରି ହେଉଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ଶୋଷଣ ନୀତି ଯୋଗୁଁ ସମ୍ପ୍ରତି ଏବେ ଦେଶରେ ପେଟ୍ରୋଲ ଓ ଡିଜେଲର ପ୍ରତି ଲିଟର ମୂଲ୍ୟ ଶହେଟଙ୍କା ଅତିକ୍ରମ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧିର ପ୍ରଭାବ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜନସାଧାରଣଙ୍କ ଉପରେ ପଡ଼ିବାରେ ଲାଗିଛି। ସେହିପରି ରନ୍ଧନ ଗ୍ୟାସ, ଖାଇବା ତେଲ ଓ ପନିପରିବାର ଅତ୍ୟଧିକ ମୂଲ୍ୟବୃଦ୍ଧି ଲୋକଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ସ୍ଥିତି ଉପୁଯାଇଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଦରଦାମ ବୃଦ୍ଧି ଉପରେ ତୁରନ୍ତ ରୋକ ନ ଲଗାଇଲେ ଆଗାମୀ ଦିନରେ କଂଗ୍ରେସ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି କଂଗ୍ରେସର ନେତାମାନେ ଚେତାବନୀ ଦେଇଥିଲେ ।

ତୈଳ ଦର ବୃଦ୍ଧି ପ୍ରତିବାଦରେ ଭଦ୍ରକ ବିଧାନସଭା କଂଗ୍ରେସ ପକ୍ଷରୁ ଗଣଧାରଣା

ଭଦ୍ରକ,୦୭/୦୭ (ନି.ପ୍ର): କେନ୍ଦ୍ର ସରକାର ଲଗାତର ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି କରି ଚାଲିଛନ୍ତି। ଆନ୍ତର୍ଜାତିକ ତୈଳ ଦରରେ ହ୍ରାସ ଘଟୁଥିବା ବେଳେ କେନ୍ଦ୍ର ସରକାର ଦେଶରେ ତୈଳଦର କମାଇବା ପରିବେର୍ତ୍ତ ବୃଦ୍ଧି କରିଚାଲିଛନ୍ତି। ୨୦୧୪ ମସିହାରେ ଦେଶରେ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ସରକାର ଥିବା ବେଳେ ପେଟ୍ରୋଲ ୭୨ଟଙ୍କା ଓ ଡିଜେଲ ୬୩ ଟଙ୍କାରେ ବିକ୍ରି ହେଉଥିଲା। ସେତେବେଳେ କେନ୍ଦ୍ର ସରକାର ପେଟ୍ରୋଲ ଲିଟର ଉପରେ ୯ଟଙ୍କା ୪୮ ପଇସା ଓ ଡିଜେଲ ଲିଟର ପିଛା ୩.୫୬ କେନ୍ଦ୍ରୀୟ ଶୁଳ୍କ କର ଆଦାୟ କରୁଥିଲେ। ଯାହା ଗତ ୭ ବର୍ଷରେ ପେଟ୍ରୋଲ ଉପରେ ୩୦୦ ପ୍ରତିଶତ ଓ ଡିଜେଲ ଉପରେ ୮୦୦ ପ୍ରତିଶତ କର ଆଦାୟ କରାଯାଉଛି। ଏବେ ଏକ ଲିଟର ପେଟ୍ରୋଲ ଉପରେ ୩୨ଟଙ୍କା ୯୦ ପଇସା, ଡିଜେଲ ଉପରେ ୩୧ଟଙ୍କା ୮୦ ପଇସା କେନ୍ଦ୍ରୀୟ ଶୁଳ୍କ ଆଦାୟ କରାଯାଉଥିବା ବେଳେ ରାଜ୍ୟ ସରକାର ପେଟ୍ରୋଲ ଉପରେ ୨୩.୪୦ ଓ ଡିଜେଲ ଉପରେ ୨୦.୮୦ ପଇସା କର ନେଉଛନ୍ତି। ସେହିଭଳି ରନ୍ଧନ ଗ୍ୟାସ ୧୪.୨ କେଜିର ମୂଲ୍ୟ ୨୦୧୪ ମସିହାରେ କଂଗ୍ରେସ ସରକାର ସମୟରେ ୪୧୪ ଟଙ୍କା ଥିବା ବେଳେ ଏବେ ଏହା ୮୬୧ ଟଙ୍କାରେ ପହଞ୍ଚିଛି। ଯାହାର ପ୍ରଭାବ ସିଧା ସଳଖ ସାଧାରଣ ଲୋକଙ୍କ ଉପରେ ପଡୁଛି। ତେଲର ଦରବୃଦ୍ଧି ଯୋଗୁ ଅତ୍ୟାବଶ୍ୟକ ଜିନିଷର ଦରବୃଦ୍ଧି ଘଟୁଛି। ରନ୍ଧନ ଗ୍ୟାସ ସିଧାସଳଖ ପରିବାରର ବୋଝ ହେଉଛି। ଡିଜେଲ ଦରବୃଦ୍ଧିରେ ପରିବହନ ବାଧାପ୍ରାପ୍ତ ହେଉଛି। ଏବେ କରୋନା ମହାମାରୀ ସମୟରେ ସାଧାରଣ ଲୋକଙ୍କ ଜୀବନଜୀବିକା ଦୁର୍ବିସହ ହୋଇ ପଡ଼ିଥିବା ବେଳେ କେନ୍ଦ୍ର ସରକାରଙ୍କ ତୈଳବୃଦ୍ଧି ବୋଝ ଉପରେ ଲଳିତା ବିଡ଼ା। ସାଧାରଣ ଲୋକ ଏବେ ଅତିଷ୍ଠ ହୋଇ ପଡ଼ିଲେଣି। କଂଗ୍ରେସ ଏହାକୁ ତୀବ୍ର ବିରୋଧ କରିବା ସହ ପ୍ରତିବାଦ କରିଛି। ଆଜି ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ସୁବ୍ରତ ଦାସ, ଅବଦୁଲ ମୁକିତ ଖାଁ, ଗୋଲକ ମହାପାତ୍ର, ପୀତବାସ ଧଳ, ସେକ୍ ସମ୍ଦାନୀ, ଗୋଲାମ ମଇରୁଦ୍ଦିନ ପ୍ରମୁଖ ଡିଆଇବି ଅଫିସ୍ ସମ୍ମୁଖରେ ଗଣଧାରଣାରେ ବସି ପ୍ରତିବାଦ କରିଥିଲେ।

ରୋଟାରୀ କଟକ ମିଲେନିୟମ ପକ୍ଷରୁ ଚାରାରୋପଣ

କଟକ/ଭୁବନେଶ୍ୱର,୦୭/୦୭ (ନି.ପ୍ର): ଜୁଲାଇ - ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ରୋଟାରୀ କ୍ଲବ୍ ଅଫ୍ କଟକ ମିଲେନିୟମ ତରଫରୁ ଧବଳେଶ୍ୱର ସାରସ୍ୱତ ଆଶ୍ରମ ପରିସରରେ ଶତାଧିକ ଚାରାରୋପଣ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ରୋଟାରୀ ପକ୍ଷରୁ 'ଗ୍ରୋ ଅକ୍ସିଜେନ' କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତ ବର୍ଷ ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ ଦ୍ୱାରା ୫ ଲକ୍ଷ ଚାରାରୋପଣ କରିବା ପାଇଁ ଯୋଜନା କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ଆଶ୍ରମ ପରିସରରେ ବିଭିନ୍ନ ଫଳ ବୃକ୍ଷ ଓ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ମିଲେନିୟମର ସଭାପତି ବିଶ୍ୱଜିତ ମହାପାତ୍ର, ସମ୍ପାଦକ ସରୋଜ ରଞ୍ଜନ ପାଇଟାଳ,ଚିତରଞ୍ଜନ ଶତପଥୀ, ଡ. ନାରାୟଣ ମହାନ୍ତି, ଶରତ ପ୍ରଧାନ, ଦୀପକ କୁମାର ମହାନ୍ତ ଓ ମନୋଜ କର୍ମକାର ଅଂଶ ଗ୍ରହଣ କରିଥିଲେ। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ମାନସ ଚୈତନ୍ୟଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଥିଲା।

ବ୍ଲକ ସମ୍ମୁଖରେ ଝାଞ୍ଚି ଓ ଢୋଲ ପିଟି ବିକ୍ଷୋଭ

ଜଳେଶ୍ୱର ୭/୭(ନି.ପ୍ର) : କେନ୍ଦ୍ର ସରକାରଙ୍କ ପେଟ୍ରୋଲ, ଡିଜେଲ ଓ ରନ୍ଧନ